# ବିନା ଅନୁମତିରେ ସରକାରୀ ଜମିରୁ ମାଟି ଉତ୍ତୋଳନ

## ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

**ଯାଜପୁର,୨୧।୩(ହର୍ଷବର୍ଦ୍ଧନ ବେହେରା):**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଜେନାପୁର ମୌଜାର ରେଳ ଷ୍ଟେଶନ ନିକଟ ଏକ ସରକାରୀ ଜମିରୁ ବିବିପିଏଲ ନାମକ କମ୍ପାନୀ ମେଶିନ ଓ ହାଇୱା ଲଗାଇ ଶହଶହ ଟ୍ରିପ ମାଟି ଖୋଳି ନେଇଛି। ଧର୍ମଶାଳା ତହସିଲ କାର୍ଯ୍ୟାଳୟର କେତେଜଣ ଅସାଧୁ ଅଧିକାରୀ ଓ କର୍ମଚାରୀ ଏହି କମ୍ପାନୀକୁ ପରୋକ୍ଷରେ ସହଯୋଗ କରିଥିବା ଅଭିଯୋଗ ହୋଇଛି।

ଅଭିଯୋଗ ମୁତାବକ, ଜେନାପୁର


ସରକାରୀ ଜମିରୁ ମାଟି ଉଠାଯାଇଛି।

ମୌଜାର ଖାତା ନମ୍ବର ୮୫୯ ଓ ୮୬୩ର ୧୫ଟି ପ୍ଲଟରେ ପ୍ରାୟ ୨ଏକର ୮୫ ଡେସିମିଲ ଅନାବାଦୀ ଜମି ରହିଛି। ଏହି ଜମି ବିଭିନ୍ନ ଉନ୍ନୟନ ତଥା ସରକାରଙ୍କ ବିକାଶମୂଳକ କାର୍ଯ୍ୟ ପାଇଁ ସଂରକ୍ଷିତ ରଖାଯାଇଥିଲା। ଏହି ଜମିକୁ ଉତ୍ତମ ସଡକ ଓ ରେଳପଥ ସଂଯୋଗ ଥିବାରୁ ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟ ପ୍ରତିଷ୍ଠା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରି ଆସୁଥିଲେ। ତେବେ କେତେଜଣ ଲୁଟେରାଙ୍କ ସହଯୋଗରେ ଦୁଇଦିନ ହେବ ରାତିରେ ଜାରକା-କବାଟନ୍ଧ ନଦୀବନ୍ଧ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟରେ ନିୟୋଜିତ ଏହି କମ୍ପାନୀ ଏଠାରୁ ମାଟି ନେଇଛି। ଏଥିପାଇଁ ତହସିଲ ପ୍ରଶାସନ ନିକଟରେ କୌଣସି ଅନୁମତି କିମ୍ବା ରାଜସ୍ୱ ଜମା କରି ନ ଥିବା ସୂଚନା ମିଳିଛି। ମାଟି ଖୋଳା ଯୋଗୁ ଉକ୍ତ ସମତଳ ମୂଲ୍ୟବାନ ସ୍ଥାନ ପୋଖରୀ ସଦୃଶ ହୋଇଯାଇଛି। ଏହି ସ୍ଥାନରୁ ଅତିକମରେ ୫୦୦ ଟ୍ରିପରୁ ଉର୍ଦ୍ଧ୍ୱ ମାଟି ଖୋଳି ନିଆଯାଇଥିବା ଆକଳନ କରାଯାଇଛି। ଏଠାରୁ ଉକ୍ତ କମ୍ପାନୀ ବେଆଇନଭାବେ ମାଟି ଖୋଳି ନେଉଥିବା ଜାଣିବା ପରେ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ସେମାନେ ଘଟଣା ସ୍ଥଳକୁ ଆସି ପ୍ରତିବାଦ କରିବା ପରେ ଉକ୍ତ କମ୍ପାନୀ ତା'ର ମେଶିନ ଓ ଟ୍ରକଗୁଡିକୁ ସେଠାରୁ ନେଇ ଯାଇଥିବା ଦେଖାଯାଇଛି। ଏ ସମ୍ପର୍କରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ରାକେଶ ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, ଜଳଛାୟା ଯୋଜନା ପାଇଁ ଏହି ଜମିକୁ ଜଳସେଚନ ବିଭାଗକୁ ହସ୍ତାନ୍ତର କରାଯାଇଛି। ତେବେ ଉକ୍ତ ଜମିରୁ ଅନଧିକାର ଭାବେ ମାଟି ଚାଲାଣ ହେଉଥିବା ଖବର ପାଇବା ପରେ ସେ ଧର୍ମଶାଳା ତହସିଲଦାରଙ୍କୁ ୧୯ ତାରିଖରେ ଅବଗତ କରିଥିଲେ ବୋଲି କହିଛନ୍ତି। ଅନ୍ୟପକ୍ଷେ ଏପର୍ଯ୍ୟନ୍ତ ସମ୍ପୃକ୍ତ କମ୍ପାନୀ ବିରୋଧରେ ଧର୍ମଶାଳା ତହସିଲ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଥିରୁ ଧର୍ମଶାଳା ତହସିଲ ପ୍ରଶାସନର କାର୍ଯ୍ୟ ସ୍ୱଚ୍ଛତା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ଦେହଜାତ ହୋଇଛି। ଏ ସମ୍ପର୍କରେ ବିବିପିଏଲ କମ୍ପାନୀ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ଝିଅ ବାହାଘର ଖବର ଦେବାକୁ ଯିବାବେଳେ ଦୁର୍ଘଟଣା: ମା' ମୃତ, ବାପା ଗୁରୁତର

**ଚଣ୍ଡିଖୋଲ,୨୧।୩(ପ୍ରଦୀପ୍ତ କୁମାର ପୃଷ୍ଟି):**

ଝିଅ ବିବାହ ଆଗକୁ ଅଛି। ଏ ସମ୍ପର୍କରେ ବନ୍ଧୁ ନିମନ୍ତ୍ରଣ କରିବା ପାଇଁ ଯିବା ସମୟରେ ଏକ ସଡ଼କ ଦୁର୍ଘଟଣାରେ ଝିଅଙ୍କ ମା'ଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ବାପା ଗୁରୁତର ହୋଇଛନ୍ତି। ଶନିବାର ସକାଳେ ଏଭଳି ଏକ ଦୁଃଖଦ ଘଟଣା ବଡ଼ଚଣା ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ବଡ଼ଚଣା ଓଭରବ୍ରିଜ ଉପରେ ଘଟିଛି।

କଟକ ଜିଲା ସାଲେପୁର ଥାନା ଅନ୍ତର୍ଗତ ବାସୁଦେବପୁର ଗ୍ରାମର ରମେଶ ଚନ୍ଦ୍ର ବେହେରା ତାଙ୍କ ସ୍ତ୍ରୀ ସୌଦାମିନୀ ବେହେରା(୪୫)ଙ୍କୁ ଏକ ବାଇକରେ ନେଇ ନିଜ ସାନ ଭଉଣୀ ଘର ସିଦ୍ଧିପୁରକୁ ଆସିଥିଲେ। ଆସନ୍ତା ଏପ୍ରିଲରେ ସେମାନଙ୍କ ଝିଅଙ୍କ ବାହାଘର ହେବ ବୋଲି ସ୍ଥିର ହୋଇଥିବା ଜଣାଇଥିଲେ। କାମସାରି ଉଭୟ ବାଇକ ଯୋଗେ ନିଜ ଗ୍ରାମ ଅଭିମୁଖେ ଯାଉଥିଲେ। ବଡ଼ଚଣା ଓଭରବ୍ରିଜ ଦେଇ ଯାଉଥିବାବେଳେ ସେମାନଙ୍କ ବାଇକକୁ ଏକ ୧୪ ଚକିଆ ଟ୍ରକ ଧକ୍କା ଦେଇଥିଲା। ଫଳରେ ସୌଦାମିନୀ ତଳକୁ ଛିଟକି ପଡ଼ିଥିଲେ। ତାଙ୍କ ଉପରେ ସେହି ଟ୍ରକଟି ଚଢି ଯାଇଥିଲା। ଖବର ପାଇ ବଡ଼ଚଣା ପୋଲିସ ପହଞ୍ଚି ଗୁରୁତର ସୌଦାମୀନୀ ଓ ରମେଶ ଚନ୍ଦ୍ରଙ୍କୁ ବଡ଼ଚଣା ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ସୌଦାମିନୀଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରିବା ସହିତ ଚାଳକ ଉତ୍ତରପ୍ରଦେଶର ସୁରେନ୍ଦ୍ର କୁମାରଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି। ଏହି ଖବର ପ୍ରଚାରିତ ହେବାପରେ ତାଙ୍କ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଚାରିନଙ୍ଗଳରେ ଇଦ୍-ଉଲ୍-ଫିତର ପାଳିତ

**ଚଣ୍ଡିଖୋଲ,୨୧।୩(ପ୍ରଦୀପ୍ତ କୁମାର ପୃଷ୍ଟି):**

ମୁସଲମାନଙ୍କ ବଡ଼ପର୍ବ ଇଦ-ଉଲ-ଫିତର ଶନିବାର ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ, ନଳୀପୁର, ସୁଙ୍ଗୁଡା, ମାତକାତପୁର, ପଣସୁଧା ଓ ପାଇକରାପୁରଠାରେ ଧୁମଧାମରେ ମୁସଲମାନ ଭାଇମାନେ ଏହି ପର୍ବ ପାଳନ କରିଛନ୍ତି। ଏଥିପାଇଁ ଇଦଗାହରେ ସମୂହ ନମାଜ ପାଠ ପାଇଁ ସକାଳୁ ଭିଡ଼ ପରିଲକ୍ଷିତ ହୋଇଥିଲା। ମୁସଲମାନଭାଇମାନେ ପରସ୍ପରକୁ ଆଲିଙ୍ଗନ କରି ଶୁଭେଚ୍ଛା ଜଣାଇଥିଲେ। ଇଦଗାହ କମିଟି ପକ୍ଷରୁ ଇଦଗାହଠାରେ ସମୂହ ନମାଜ ପାଠ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଚାରିନଙ୍ଗଳ ଇଦଗାହ ପଡ଼ିଆଠାରେ ସମୂହ ନମାଜ ପାଠ କରାଯାଇଥିଲା। ଏକ ସଙ୍ଗେ ୩ ହଜାରରୁ ଉର୍ଦ୍ଧ୍ୱ ମୁସଲମାନଭାଇ ନମାଜ ପାଠ କରିଥିଲେ। ସଭାପତି ମୌଲାନା ଫକିରୁଦ୍ଦିନ ହାସିମ କାଶ୍ମୀ ସାହେବ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ନମାଜ ପାଠ କରାଇଥିଲେ। ନାଏବ ଇମାମ ମୌଲାନା ଅସଗର ଅଲ୍ଲୀ ସହଯୋଗ କରିଥିଲେ। ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, ବଡ଼ଚଣା କଂଗ୍ରେସ ନେତା ଅଜୟ ସାମଲ, ବିଶ୍ୱପ୍ରକାଶ ସାମଲ, ଚାନ୍ଦ ଖାଁ, ଅଶୋକ ରାଉତ, ଧର୍ମଜୀତ ବଳ, ମହନି ମହାନ୍ତି, ଅଜୟ ଜେନା, ମନ୍ମଥ କେଶରୀ ସହେବରାୟ ପ୍ରମୁଖ ପହଞ୍ଚି ଇଦ୍ ଶୁଭେଚ୍ଛା ଜଣାଇବା ସହ ଭାଇଚାରାର ସମ୍ପର୍କ ବଜାୟ ରଖିଥିଲେ। ସମୂହ ନମାଜ ପାଠରେ ସମ୍ପାଦକ ସେକ୍ ମୋଇନ ଅହମଦ, ରାଶିକୁଦ୍ଦିନ ଖାଁ, ସେକ୍ ଇକବାଲ ହୁସେନ ପ୍ରମୁଖ ପରସ୍ପରକୁ ଇଦ୍ ଶୁଭେଚ୍ଛା ଜଣାଇଥିଲେ।

# ନୀଳାଚଳ ଇସ୍ପାତ ନିଗମରେ ମକ୍ ଡ୍ରିଲ୍


ମକ୍‌ଡ୍ରିଲ୍‌ରେ ସାମିଲ ହୋଇଥିବା ଅଗ୍ନିଶମ ଅଧିକାରୀ ଓ ଅନ୍ୟମାନେ।

**କଳିଙ୍ଗନଗର,୨୧।୩(ଶୁଭାଶିଷ ରାଉତ):**

କଳିଙ୍ଗନଗର ନୀଳାଚଳ ଇସ୍ପାତ ନିଗମ ଲିଃ(ଏନଆଇଏନଏଲ) ପ୍ଲାଣ୍ଟ ପରିସରରେ ଶିଳ୍ପ ସୁରକ୍ଷା ଏବଂ ଜରୁରୀକାଳୀନ ସତର୍କତା ପାଇଁ ମହଜୁଦ ଥିବା ପ୍ରସ୍ତୁତି ପରଖିବା ଏବଂ ଅଧିକ ଉନ୍ନତ କରିବା ପାଇଁ ଏକ ପୂର୍ଣ୍ଣକାଳୀନ ଅନ-ସାଇଟ ଜରୁରୀକାଳୀନ ମକ ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। କୋଇଲା ଏବଂ ବାଇ-ପ୍ରୋଡକ୍ଟ ପ୍ଲାଣ୍ଟର 'ଟାର୍ ଷ୍ଟୋରେଜ' ଅଞ୍ଚଳରେ ନିଆଁ ଲାଗିଲେ କିପରି ଉଦ୍ଧାର କରାଯିବ, ସେଥିପାଇଁ ଏକ ମିଳିତ ଅଭ୍ୟାସ କରାଯାଇଥିଲା। ଏହି ମକ ଡ୍ରିଲ ଯାଜପୁର ଜୋନ କାରଖାନା ଏବଂ ବଏଲର ସହକାରୀ ନିର୍ଦ୍ଦେଶକ ଗଣେଶ୍ୱର ମାର୍ଡିଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନ ଏବଂ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏଥିରେ ରାଜ୍ୟ ଅଗ୍ନିଶମ ବିଭାଗ କର୍ମଚାରୀ ଏବଂ ଦାନଗଦୀର ଅଗ୍ନିଶମ କେନ୍ଦ୍ର ଅଧିକାରୀ ସୁରେଶ କୁମାର ଜେନାଙ୍କ ସମେତ ଆଭ୍ୟନ୍ତରୀଣ ସୁରକ୍ଷା ନେତୃତ୍ୱ ବୃନ୍ଦ ଅଂଶଗ୍ରହଣ କରିଥିଲେ। ମକ ଡ୍ରିଲର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଉଚ୍ଚ-ବିପଦପୂର୍ଣ୍ଣ ପରିସ୍ଥିତିକୁ ସମ୍ଭାଳିବା ପାଇଁ ପ୍ଲାଣ୍ଟର ପ୍ରସ୍ତୁତି ଏବଂ ଜରୁରୀକାଳୀନ ସେବାଗୁଡ଼ିକର ଠିକ ସମନ୍ୱୟର ଏକବ୍ୟାପକ ସମୀକ୍ଷା କରିବା।

# ରକ୍ତ ଅଭାବରୁ କାହାର ଜୀବନ ନ ଯାଉ : ଗୌତମ

**ଦଶରଥପୁର, ୨୧।୩(ସୁଶାନ୍ତ କୁମାର ବେହୁରିଆ):**

ସ୍ୱେଚ୍ଛାସେବୀ ସଂଗଠନ ଜ୍ୟୋତ୍ସ୍ନା ଫାଉଣ୍ଡେଶନ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଦଶରଥପୁର ବ୍ଲକ୍ ଥାଲକୁଡ଼ିସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଯାଜପୁର ଜିଲା ପରିଷଦ ସଭାପତି ଗୌତମ ରାୟ ମୁଖ୍ୟଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ସେ କହିଥିଲେ, ରକ୍ତଦାନ ମହତ ଦାନ, ରକ୍ତହୀନତାରୁ କାହାର ଜୀବନ ନ ଯାଉ। ଆଜିର ଯୁବପିଢ଼ି ସ୍ୱେଚ୍ଛାକୃତ ରକ୍ତ ଦାନ ପାଇଁ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ମଙ୍ଗଳପୁର ଥାନା ଅଧିକାରୀ ରଞ୍ଜନ ବେହେରା, ପ୍ରାକ୍ତନ ଦଶରଥପୁର ବ୍ଲକ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାମଲ, ଶିକ୍ଷାବିତ ସତ୍ୟାନନ୍ଦ ରାୟ, ପ୍ରାକ୍ତନ ସରପଞ୍ଚ ପ୍ରଦୀପ ମହାନ୍ତି ଓ ସାମାଜିକ କର୍ମୀ ସର୍ବେଶ୍ୱର ପରିଡା ପ୍ରମୁଖ ଯୋଗଦେଇ ରକ୍ତଦାନର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ନାଗରିକ ତପନ ମହାପାତ୍ର, ପ୍ରାକ୍ତନ ସରପଞ୍ଚ ପ୍ରଶେଷ ସୁତାର, ସମିତିସଭ୍ୟ ଶୈରେନ୍ଦ୍ର ସାମଲ, ଚନ୍ଦ୍ରଶେଖର ସାହୁ, କୌଶିକ ଦାସ, ଯତୀନ୍ଦ୍ରନାଥ କର, ସବ୍ୟସାଚୀ ଦାସ, ମନୋରଞ୍ଜନ ମଲ୍ଲିକ, ଜୟପ୍ରକାଶ ନାୟକ, ବିଶ୍ୱଜିତ ଦାସ, ଧୀରେନ୍ଦ୍ର ମଲ୍ଲିକ, ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶିବିରରେ ୬୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଜିଲା ରେଡ୍‌କ୍ରସ ୟୁନିଟ ଓ ଏସ୍‌ସିବି ମେଡିକାଲ କଲେଜ ରେଡ୍‌କ୍ରସ ୟୁନିଟ ପକ୍ଷରୁ ରକ୍ତ ସଂଗ୍ରହ କରାଯାଇଥିଲା।

# ଛାତ୍ରୀଛାତ୍ରଙ୍କୁ ନେଇ ହେବ ପ୍ରତିଯୋଗିତା


ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଶହୀଦ ଭଗତସିଂ ଯୁବକ ସଂଘର କର୍ମକର୍ତ୍ତା।

**ବ୍ୟାସନଗର,୨୧।୩(ପବିତ୍ର ରଞ୍ଜନ ମହାନ୍ତି):**

## ଶହୀଦ ଦିବସ ପାଳନ ପ୍ରସ୍ତୁତି ବୈଠକ

ବ୍ୟାସନଗର ସହରର ଶହୀଦ ଭଗତ ସିଂ ଯୁବକ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ବ୍ୟାସଶ୍ରୀ କଳାନିକେତନ ଡୋଲୀପୁରଠାରେ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୩ ତାରିଖ ସୋମବାର ଶହୀଦ ଦିବସ ପାଳନ କରିବାକୁ ସ୍ଥିର କରାଯାଇଛି। ସ୍ଥାନୀୟ ଗୁଗୁଲି ମଣ୍ଡପ ନଟପଡ଼ାଠାରେ ସମସ୍ତ କାର୍ଯ୍ୟକ୍ରମ ହେବ ଅନୁଷ୍ଠିତ ବୋଲି ସଂଘ ସଭାପତି ରାଜେନ୍ଦ୍ର ବିଶ୍ୱାଳ ସୂଚନା ଦେଇଛନ୍ତି। ଏହି ଦିବସରେ ସକାଳ ୯ଟାରେ ରକ୍ତଦାନ ଶିବିର, ସ୍କୁଲ ପିଲାଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା ପରେ ସଂଗୀତ ନୃତ୍ୟ ପ୍ରତିଯୋଗିତା ଏବଂ ସନ୍ଧ୍ୟା ୬ଟାରେ ଆଲୋଚନା ସଭା ଅନୁଷ୍ଠିତ ହେବ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ଏବଂ ସାମାଜିକ ଅନୁଷ୍ଠାନଗୁଡ଼ିକୁ ସମ୍ବର୍ଦ୍ଧିତ କରାଯିବାକୁ ସ୍ଥିର କରାଯାଇଛି। ବୈଠକରେ ସଂଘ ଉପଦେଷ୍ଟା ନାରାୟଣ ଚନ୍ଦ୍ର ନାୟକ, ସମ୍ପାଦକ ହେମନ୍ତ କୁମାର ଧୀର, ଆଶିଷ ମଲ୍ଲିକ, ହେମନ୍ତ ନାୟକ, ରମେଶ ବିଶ୍ୱାଳ, ମନୋଜ ଦାସ, ସୁଦର୍ଶନ ରାଉତ, ଶିବାନନ୍ଦ ଦାସ, ଶଶାଙ୍କ ବ୍ରହ୍ମ, ବିଜୟ ନନ୍ଦୀ, ଅକ୍ଷୟ ବାରିକ, ନନ୍ଦ ମହାନ୍ତି, ମହେଶ୍ୱର ନାୟକ, ମାନସ ରାଉତ, ରଞ୍ଜିତ ପରିଡ଼ା, ତପନ ସିଂ, ସାହିଲ ବୋଇତାଇ ଓ ଅଶ୍ୱିନୀ ଦାସ ଉପସ୍ଥିତ ଥିଲେ। ବ୍ୟାଙ୍ଗକବି ବାଇଧର ମାଝୀ ଧନ୍ୟବାଦ ଦେଇଥିଲେ।

# ଖୁବ୍‌ଶୀଘ୍ର ପାଣିକୋଇଲି ବଜାର ଉଚ୍ଛେଦ

**ପାଣିକୋଇଲି,୨୧।୩ ('ବିକାଶ ମଲ୍ଲିକ):**

ପାଣିକୋଇଲି ବଜାର ଟ୍ରାଫିକ ସମସ୍ୟାରେ ସୁଧାର ଆଣିବା ପାଇଁ ଖୁବ୍‌ଶୀଘ୍ର ଜବରଦଖଲ ଉଚ୍ଛେଦ କରାଯିବ। ସରକାରୀ ଓ ଜାତୀୟ ରାଜପଥ ଜାଗାରୁ ଜବରଦଖଲ ହଟାଇବା ପାଇଁ ଯାଜପୁର ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜିଲାପାଳ ଚିଠି କରିଛନ୍ତି। ପୂର୍ବରୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏନେଇ ଜିଲାପାଳଙ୍କୁ ଚିଠି ଦ୍ୱାରା ଅବଗତ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆଗାମୀ ଦିନରେ ପୋଲିସ ସହାୟତାରେ ସମସ୍ତ କାର୍ଯ୍ୟ କରାଯିବ। ଏନେଇ ଶନିବାର ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପାଣିକୋଇଲିଠାରେ ସ୍ୱତନ୍ତ୍ର ଭାବେ ଯାଞ୍ଚ କରାଯାଇଛି। ଜବରଦଖଲ ଉଚ୍ଛେଦବେଳେ ଜନସାଧାରଣଙ୍କ ସୁରକ୍ଷା, ଟ୍ରାଫିକ ସମସ୍ୟା ଓ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ଫୋର୍ସ ମୁତୟନ କରିବାକୁ ଜିଲାପାଳଙ୍କ ଚିଠିରେ ଦର୍ଶାଯାଇଛି।




# ଯୁବପିଢ଼ିଙ୍କୁ ସାହିତ୍ୟ ସହ ଯୋଡ଼ିବାକୁ ପ୍ରୟାସ



ସମ୍ମିଳନୀରେ ଯୋଗଦେଇଥିବା ଅତିଥି ଓ କବିମାନେ।

**ଯାଜପୁର,୨୧।୩(ହର୍ଷବର୍ଦ୍ଧନ ବେହେରା):**

## ଜିଲାସ୍ତରୀୟ କବି ସମ୍ମିଳନୀ

ଯାଜପୁର ଜିଲା ମହୋତ୍ସବ ଯଯାତି-୨୦୨୬ ଅବସରରେ ଶନିବାର ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଜିଲାସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ପ୍ରାୟ ୧୨୦ରୁ ଉର୍ଦ୍ଧ୍ୱ କବି ସାମିଲ ହୋଇ କବିତା ଆବୃତି କରିଥିଲେ। ଉପଜିଲାପାଳ ତଥା କବି ସମ୍ମିଳନୀ ଉପକମିଟିର ଅଧ୍ୟକ୍ଷ ତାପସ ରଞ୍ଜନ ଦେହୁରୀ ମୁଖ୍ୟଅତିଥି, ସଂଯୋଜକ ପ୍ରଭାତ ମଲ୍ଲିକ, ସହକାରୀ ଜିଲାପାଳ ସ୍ମରଣିକା ଦାଶ, କବି ଗୌତମ ଜେନା, ନିରଞ୍ଜନ ପାଢ଼ୀ ଓ ସାମାଜିକ କର୍ମୀ ସନ୍ତୋଷ ନନ୍ଦ ଅତିଥି ଭାବେ ଯୋଗ ଦେଇଥିଲେ। ଯାଜପୁରର ଯୁବପିଢ଼ିଙ୍କୁ ସାହିତ୍ୟ ସହ ଯୋଡ଼ିବାରେ ଏଭଳି ପ୍ରୟାସ ବେଶ ଉପଯୋଗୀ ବୋଲି ଅତିଥିମାନେ ମତ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଏକ ବ୍ୟଙ୍ଗ କବିତା ଆସର ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ୟଙ୍ଗ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ଅକ୍ଷୟ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ କବିମାନଙ୍କୁ ଉଦବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ କୁନି ଶିଶୁ କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଅତିଥିଙ୍କୁ ଉତ୍ତରୀୟ ଏବଂ ଯଯାତି ସ୍ମରଣିକା ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମଧୁମିତା ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ସରିଲା କଷ୍ଟ: ରାସ୍ତା କାମ ଅଧା ସରିନି

■ ସମିତି ବୈଠକରେ ଦେଇଥିବା ପ୍ରତିଶ୍ରୁତି ରଖିଲେନି ଯନ୍ତ୍ରୀ
■ ଆର୍‌ଡି ବିଭାଗର ମନମୁଖି କାର୍ଯ୍ୟରେ ଲୋକେ ଅତିଷ୍ଠ

ନୂଆଗାଁ,୨୧।୩(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଆର୍‌ଡି ବିଭାଗ କାର୍ଯ୍ୟରେ ଲୋକେ ଅତିଷ୍ଠ ହୋଇ ପଡ଼ିଲେଣି। ଆର୍‌ଡି ବିଭାଗ ତତ୍ତ୍ୱାବଧାନରେ ନିର୍ମାଣ କରାଯାଉଥିବା କୌଣସି ରାସ୍ତା ନିର୍ଦ୍ଧାରିତ ସମୟ ଅବଧିରେ ଶେଷ ହେଉନାହିଁ। ସିମିଳିସାହିଠାରୁ ବାଲଣ୍ଡା ଆର୍‌ଡି ରାସ୍ତା କାମ ୨୦୨୩ ମାର୍ଚ୍ଚ ସୁଦ୍ଧା ଶେଷ କରିବା ପାଇଁ ନିର୍ଦ୍ଦେଶ ଥିଲା। କିନ୍ତୁ ସେଥିରେ ଅହେତୁକ ବିଳମ୍ବ ହେବା ନେଇ ବାରମ୍ବାର ଅଭିଯୋଗ ହୋଇଥିଲା। ଶେଷରେ ୨୦୨୬ ମାର୍ଚ୍ଚ ୧୫ ସୁଦ୍ଧା କାମ ଶେଷ କରିବା ପାଇଁ ବିଭାଗୀୟ ଯନ୍ତ୍ରୀ ସମିତି ବୈଠକରେ ପ୍ରତିଶ୍ରୁତି ଦେଇଥିଲେ। ତେବେ ଇତିମଧ୍ୟରେ କଷ୍ଟ ପୂରି ଯାଇଥିଲେ ମଧ୍ୟ ରାସ୍ତାକାମ ଅଧା ହୋଇ ନାହିଁ। ସମିତି ବୈଠକରେ ସମସ୍ତ ଅଧିକାରୀ ଓ ଜନପ୍ରତିନିଧିଙ୍କ ସମ୍ମୁଖରେ ଯନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ରଖିପାରିଲେନି। ତେବେ ଯନ୍ତ୍ରୀଙ୍କ ପ୍ରତିଶ୍ରୁତି କେବଳ ପାଣିର ଗାର ବୋଲି ଅଭିଯୋଗ ହେଉଛି ।


ଶିମିଳିସାହିଠାରୁ ବାଲଣ୍ଡା ରାସ୍ତା।

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନୂଆଗାଁ ବ୍ଲକ ସିମିଳିସାହିଠାରୁ ବାଲଣ୍ଡା ଆରଡି ରାସ୍ତା ନିର୍ମାଣ କରିବା ପାଇଁ ଅର୍ଥ ମଞ୍ଜୁର ହୋଇଥିଲା। ୮.୮୦ କି.ମି. ରାସ୍ତା ନିର୍ମାଣ ପାଇଁ ୩୭୬.୩୧ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହେବା ସହ ଉକ୍ତ ରାସ୍ତା କାମ ୨୩ ମାର୍ଚ୍ଚ ୨୦୨୨ରେ ଆରମ୍ଭ କରି ୨୩ ମାର୍ଚ୍ଚ ୨୦୨୩ ସୁଦ୍ଧା ଶେଷ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁ ଅବଧି ଶେଷ ହେବା ସୁଦ୍ଧା କାମ ଆରମ୍ଭ କରାଯାଇ ନ ଥିଲା। ଯାତାୟାତ ପାଇଁ ଜନସାଧାରଣ ଅସୁବିଧା ଭୋଗୁଥିବା ବେଳେ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଏବଂ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଙ୍କ ଠିକାଦାରଙ୍କୁ ଅନୁକମ୍ପା ଅତିଷ୍ଠ କରିଦେଇଥିଲା। ଏ ନେଇ ବାରମ୍ବାର ଅଭିଯୋଗ ପରେ ସୁଫଳ ନ ମିଳିବାରୁ ସ୍ଥାନୀୟ ଜନ ପ୍ରତିନିଧିମାନେ ଜିଲାସ୍ତରୀୟ ଅଧିକାରୀଙ୍କୁ ଭେଟି ଦାବି ଜଣାଇବାରେ କାମ ଆରମ୍ଭ କରାଯାଇଥିଲା। ଇତିମଧ୍ୟରେ ଅବଧି ଶେଷ ହେବାର ଦେଢ଼ ବର୍ଷ ବିତି ଯାଇଥିଲେ ମଧ୍ୟ ତାହା ଶିଥିଳ ଗତିରେ ହେଉଥିବାରୁ ୨୧ ନଭେମ୍ବର ୨୦୨୫ ସମିତି ବୈଠକରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା କାର୍ଯ୍ୟର ସମୀକ୍ଷା କରିବାକୁ ଯାଇ ଶିମିଳିସାହିଠାରୁ ବାଲଣ୍ଡା ରାସ୍ତା କେବେ ଶେଷ ହେବ ବୋଲି ବିଭାଗୀୟ ଯନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ତେବେ ମାର୍ଚ୍ଚ ୧୫ ସୁଦ୍ଧା ରାସ୍ତା କାମ ଶେଷ କରାଯିବ ବୋଲି ଆର୍‌ଡି କନିଷ୍ଠ ଯନ୍ତ୍ରୀ ହିତାଞ୍ଜଳି ପଣ୍ଡା ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ବର୍ତ୍ତମାନ ପ୍ରତିଶ୍ରୁତିର କଷ୍ଟ ପୂରି ଯାଇଥିଲେ ମଧ୍ୟ ଅଧା କାମ ହୋଇ ନ ଥିବା ଅଭିଯୋଗ ହେଉଛି। କେଉଁଠି କାମ ଆରମ୍ଭ ହୋଇ ନାହିଁ ତ ଆଉ କେଉଁଠି ମେଟାଲ ବିଛାଇ କାମ ବନ୍ଦ ରହିଛି। ଠିକାଦାରଙ୍କ ପ୍ରତି ବିଭାଗର ଅନୁକମ୍ପା ଯୋଗୁ ରାସ୍ତା କାମ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। କାମ ନ ସରୁଣୁ ନେଡ଼ିସାହି ନିକଟରେ ନିର୍ମାଣ କରାଯାଇଥିବା ପୋଲର ସାଇଡ୍ ୱାଲ ଫାଟି ଆଁ କଲାଣି। ରାସ୍ତା କାମ ଶେଷ ହେବା ସମ୍ପର୍କରେ ଆର୍‌ଡି ଯନ୍ତ୍ରୀ ହିତାଞ୍ଜଳି ପଣ୍ଡାଙ୍କୁ ପଚାରିବାରେ ଠିକାଦାରଙ୍କୁ କହି କାମ କରାଉଛୁ ବୋଲି କହିଥିଲେ।

## ଲୋକ ଅଧିକାର ଅଭିଯାନକୁ ନୟାଗଡ଼ରେ ସ୍ୱାଗତ


ଲୋକ ଅଧିକାର ଅଭିଯାନ ଦଳକୁ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଉଛି।

ନୟାଗଡ଼,୨୧।୩(ଲୋକନାଥ ମିଶ୍ର)

ଲୋକ ଅଧିକାର ଅଭିଯାନକୁ ନୟାଗଡ଼ରେ ସ୍ୱାଗତ କରାଯାଇଛି। ଜମି, ଜଳ, ଜଙ୍ଗଲର ସୁରକ୍ଷା ଓ ଲୋକ ଅଧିକାରର ସୁରକ୍ଷା ପାଇଁ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାୟଙ୍କ ନେତୃତ୍ୱରେ ଚାଲିଥିବା ରାଜ୍ୟବ୍ୟାପୀ ଅଭିଯାନକ୍ରମେ ଶନିବାର ନୟାଗଡ଼ରେ ପହଞ୍ଚିବା ଅବସରରେ କେସି କ୍ଲବଠାରେ ସ୍ୱାଗତ କରାଯାଇଛି। ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ ଓ ବିଶ୍ୱନାଥ ମହାପାତ୍ରଙ୍କ ନେତୃତ୍ୱରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରକୃତିବନ୍ଧୁ ସୁକାନ୍ତ ଚୌଧୁରୀ ଓ କୃଷକ ନେତା ପବିତ୍ର ଇନ୍ଦ୍ରଜିତ ଅଭିଯାତ୍ରୀ ଦଳକୁ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। କର୍ପୋରେଟ୍ ପୁଞ୍ଜିର ସ୍ୱାର୍ଥ ସାଧନ ପାଇଁ ଜମି, ଜଳ ଓ ଜଙ୍ଗଲ ଉପରେ ଚାଲିଥିବା ପ୍ରାୟୋଜିତ ଆକ୍ରମଣ ଯେ କେତେ ବଡ଼ ଦାନବୀୟ କ୍ଷତି କରିଚାଲିଛି ଆଉ କେନ୍ଦ୍ର ଓ ରାଜ୍ୟ ସରକାର ଏହାର ମୁଖ୍ୟ ପୃଷ୍ଠପୋଷକ ସାଜିଛନ୍ତି, ଆନ୍ଦୋଳନର ମୁଖ୍ୟ ସାମନ୍ତରାୟ ଏହାର ଏକ ସ୍ପଷ୍ଟ ଚିତ୍ର ପ୍ରଦାନ କରିଥିଲେ। ଶିକ୍ଷାବିତ୍ ଅନାଦି ଚରଣ ମହାନ୍ତି ଅଭିଯାନକୁ ସଫଳ କରିବାକୁ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ଅଭିଯାତ୍ରୀ ଦଳର ଅନ୍ୟତମ ନେତୃବୃନ୍ଦ ବିଶ୍ୱଜିତ ଏବଂ ନରେନ୍ଦ୍ର ମହାନ୍ତି ମଞ୍ଚାସୀନ ହୋଇ ସମ୍ବର୍ଦ୍ଧନାର ଉତ୍ତର ଦେଇଥିଲେ।

# ନୂତନ କାର୍ଯ୍ୟାଳୟ, ଗୋଦାମ ଗୃହର ଭିତ୍ତିପ୍ରସ୍ତର

## ମାଇଛେଳି ପଞ୍ଚାୟତ

ନୂଆଗାଁ,୨୧।୩(ଧନେଶ୍ୱର ସାହୁ)


ଭିତିପ୍ରସ୍ତର କାର୍ଯ୍ୟକ୍ରମରେ ଅତିଥି ଗଣ ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଇଛେଳି ପଞ୍ଚାୟତ ସମ୍ପଡା ପ୍ରାଥମିକ କୃଷି ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଓ ୫୦ ମେଟ୍ରିକ ଟନ ବିଶିଷ୍ଟ ଗୋଦାମ ଗୃହର ଶନିବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। କୃଷକମାନଙ୍କ ହିତ ସାଧନ ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି । ତେଣୁ ଚାଷୀମାନଙ୍କ ସର୍ବାର୍ଥ ଦୃଷ୍ଟିରୁ ପ୍ରାଥମିକ କୃଷି ସମବାୟ ସମିତିର ବିକାଶ ପ୍ରତି ଧ୍ୟାନ ଦେଉଛନ୍ତି। ଚାଷୀମାନଙ୍କ ସୁବିଧା ପାଇଁ ସମ୍ପଡ଼ା ପ୍ରାଥମିକ କୃଷି ସମବାୟ ସମିତିର ନୂତନ କାର୍ଯ୍ୟାଳୟ ଓ ଗୋଦାମ ଗୃହ ନିର୍ମାଣ କରିବା ଲାଗି ଭିତି ପ୍ରସ୍ତର ସ୍ଥାପନ କରାଯାଇଛି ।

କାର୍ଯ୍ୟକ୍ରମରେ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପସ୍ଥିତ ଥିବା ଚାଷୀମାନଙ୍କୁ ବିଭିନ୍ନ ଉପଦେଶ ଦେଇଥିଲେ । ମହିଳାମାନେ ଯେତେ ଆଗକୁ ଯିବେ ଦେଶର ସେତିକି ଉନ୍ନତି ହେବ । ତେଣୁ ମହିଳାମାନଙ୍କୁ ପ୍ରତି କ୍ଷେତ୍ରରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ପାଣିଗ୍ରାହୀ କହିଥିଲେ । ସମସ୍ତ ପ୍ରାଥମିକ କୃଷି ସମବାୟ ସମିତିରେ କମ୍ପ୍ୟୁଟରୀକରଣ କରିବା ପାଇଁ ସରକାର ପଦକ୍ଷେପ ନେଇଛନ୍ତି। ସମବାୟ ସମିତି ମାଧ୍ୟମରେ ମିନି ଶୀତଳ ଭଣ୍ଡାର ଖୋଲିବା ଦିଗରେ ଚାଷୀମାନେ ଏକଜୁଟ ହୋଇ ସହଯୋଗ କରିବା ପାଇଁ ପାଣିଗ୍ରାହୀ କହିଥିଲେ।

ଏହି ପ୍ରାଥମିକ କୃଷି ସମବାୟ ସମିତିରେ କ୍ଷୀର ଉତ୍ପାଦନ କେନ୍ଦ୍ର ଖୋଲିବା ସହ ମସ୍କାବାରୀ, କଷିକିଆରୀ, ଭୂଇଁରଗଡି, କାଣିଗିରି ଓ ଟଭାପଲ୍ଲୀ ଗ୍ରାମକୁ ସମ୍ପଡା ପ୍ରାଥମିକ କୃଷି ସମବାୟ ସମିତି ସହିତ ଅନ୍ତର୍ଭୁକ୍ତ କରିବା ପାଇଁ ସମ୍ପଡ଼ା ସମବାୟ ସମିତିର ସଭାପତି ଶୁଭସ୍ମିତା ପ୍ରଧାନ ଦାବି । ଏମ୍‌ପି ଓ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ଗୃହର ନିର୍ମାଣ କାର୍ଯ୍ୟ ୩ ମାସ ଭିତରେ ସାରିବା ପାଇଁ ସହକାରୀ ନିର୍ବାହୀ ଯନ୍ତ୍ରୀ କହିଥିଲେ। ଏହି ଅବସରରେ କବି ତଥା ଶିକ୍ଷକ ହୃଷୀକେଶ ପ୍ରଧାନ, ସୁରେନ୍ଦ୍ର ନାଥ ଖଣ୍ଡୁଆଳ, ଦୁର୍ଯ୍ୟୋଧନ ସାହୁ, ଲକ୍ଷ୍ମୀଧର ବେହେରା, ଆଦର୍ଶ କୃଷକ ବନମାଳୀ ଖଟୁଆ ଏବଂ ହୃଷୀକେଶ ପରିଡ଼ାଙ୍କୁ ସମ୍ପଡା ପ୍ରାଥମିକ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଡିଆରସିଏସ୍ ଅନନ୍ତ କୁମାର ନାୟକ, ସମ୍ପଡା ପ୍ରାଥମିକ କୃଷି ସମବାୟ ସମିତି ସଭାପତି ଶୁଭସ୍ମିତା ପ୍ରଧାନ, ନୂଆଗାଁ ବିଡିଓ ଅମୃତ କୁମାର ରାଉଳ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ପଣ୍ଡା, ହାଡ଼ିବନ୍ଧୁ ମହାଙ୍କୁଡ, ମହିପୁର ଶାଖା କେନ୍ଦ୍ର ସମବାୟ ସମିତି ଶାଖା ପରିଚାଳକ ବିତେଶ୍ୱର ସାହୁ, ସମ୍ପଡା ସମବାୟ ସମିତି ସମ୍ପାଦକ ବିକାଶ ଚନ୍ଦ୍ର ପ୍ରଧାନ, ମାଇଛେଳି ପଞ୍ଚାୟତର ପୂର୍ବତନ ସରପଞ୍ଚ ଲିଙ୍ଗରାଜ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# କନ୍ଧମିରିଗି ସୌର ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଉନି

ଖଣ୍ଡପଡ଼ା,୨୧।୩(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ରୟତଢୋଲମରା ପଞ୍ଚାୟତ କନ୍ଧମିରିଗି ଗ୍ରାମରେ ସମ୍ପ୍ରତି ଗ୍ରୀଷ୍ମ ପ୍ରବାହ ସମୟରେ ପାନୀୟ ଜଳର ଉତ୍କଟ ସମସ୍ୟା ଦେଖାଦେଇଛି। ପାଣି ପାଇଁ ସ୍ଥାନୀୟ ବାସିନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ସୂଚନାଯୋଗ୍ୟ, ଢୋଲମରା ପଞ୍ଚାୟତ ଅଧିନ ବଣ ପାହାଡ ଘେରା ପ୍ରାକୃତିକ ପରିବେଷ୍ଟନୀ ମଧ୍ୟରେ ଥିବା ୧୭ ଓ ୧୮ ନମ୍ବର ୱାର୍ଡର ୫ଶହରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କୁ ନେଇ କନ୍ଧ ମିରିଗି ଗ୍ରାମ ଅବସ୍ଥିତ । ଗ୍ରାମରେ ଦୁଇଟି ନଳକୂପ ଥିବା ବେଳେ ତାହା ଦୀର୍ଘ ବର୍ଷରୁ ସମ୍ପୂର୍ଣ୍ଣ ଅଚଳ ଅବସ୍ଥାରେ ରହିଛି। ଅଞ୍ଚଳବାସୀଙ୍କୁ ସ୍ୱଚ୍ଛ ପାନୟ ଜଳ ଯୋଗାଇବା ପାଇଁ ଏଠାରେ ଏକ ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରାଯାଇଥିଲା । ତେବେ ଉକ୍ତ ପ୍ରକଳ୍ପଟି ଦୀର୍ଘ ବର୍ଷ ହେବ ଅଚଳ ହୋଇପଡିଛି । ବାରମ୍ବାର ପଞ୍ଚାୟତଠାରୁ ଆରମ୍ଭ କରି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଗ୍ରାମର ଯୁଗଳ ପ୍ରଧାନ, କୁମର ମୁଳି, ଅଭୟ ମୁଳି, ଅଜୟ ସାହୁ, ରବୀନ୍ଦ୍ର ପରିଡା, ଆନନ୍ଦ ଗୁରୁ ଓ ଅରୁଣ ସାହୁ ପ୍ରମୁଖ ବାସିନ୍ଦା ଅଭିଯୋଗ କରିଥିବା ବେଳେ ଆମେ ବାଧ ହୋଇ ଗ୍ରାମରେ ଥିବା କୂପର ଜଳକୁ ବ୍ୟବହାର କରୁଥିବା କହିଛନ୍ତି। ଏ ସମ୍ପର୍କରେ ଖଣ୍ଡପଡା ବ୍ଲକ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରତିଭା ମଞ୍ଜରୀ ବାରିକଙ୍କ ସହ ଯୋଗାଯୋଗ କରିବାରେ ଖୁବଶୀଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ ସୂଚନା ଦେଇଛନ୍ତି।


ଅଚଳ ସୌର ପାନୀୟ ଜଳ ପ୍ରକଳ୍ପ।

# ଜଙ୍ଗଲ ନିଆଁ, ବନ୍ୟପ୍ରାଣୀ ସୁରକ୍ଷା ଉପରେ ଆଲୋଚନା

ନୟାଗଡ଼,୨୧।୩(ଲୋକନାଥ ମିଶ୍ର)

ଆନ୍ତର୍ଜାତୀୟ ବିଶ୍ୱ ବନ ଦିବସ ଅବସରରେ ଦଶପଲ୍ଲା ବନାଞ୍ଚଳ ଟାକେରା ସେକସନ ମୁଣ୍ଡୁଳି ଗ୍ରାମଠାରେ ଗ୍ରାମସଭା ସମୂହ ଏବଂ ନିର୍ମାଣ ଅନୁଷ୍ଠାନ ସହଯୋଗରେ ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ଗ୍ରାମ ସଭା ସମୂହ ସଭାପତି ପ୍ରମୋଦ କୁମାର ସାହୁଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ହୋଇଥିଲା। ବନ ଦିବସରେ ୧୭ ଗ୍ରାମ ଜଙ୍ଗଲ ପ୍ରେମି ବନ୍ଧୁମାନେ ସହଯୋଗ କରିବା ସହିତ ଗ୍ରାମର ବୁଦ୍ଧିଜିବୀ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଚଳିତ ବର୍ଷ ଜଙ୍ଗଲ ଓ ଅର୍ଥନୀତି ବିଷୟ ବସ୍ତୁ ଆର୍ଥିକ ସମୃଦ୍ଧିକୁ ପରିଚାଳନା କରିବାରେ ଜଙ୍ଗଲର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋଚନା କରାଯାଇଥିଲା। ସେହିପରି ଜଙ୍ଗଲ ନିଆଁକୁ ରୋକିବାକୁ ଅଧିକ ସଚେତନତାର ଆଶ୍ୟକତା ରହିଥିବା ଅନୁରୂପ ଆଲୋଚନା ହୋଇଛି। ଜଙ୍ଗଲରେ ପାଣି ସଙ୍କଟ କାରଣରୁ ବନ୍ୟପ୍ରାଣୀ ଗାଁ ମୁହାଁ ହେବା ପୂର୍ବରୁ ପାଣି ଜଙ୍ଗଲରେ ରଖିବାକୁ ନିଷ୍ପତି ହୋଇଛି। ବୈଠକ ପୂର୍ବରୁ ପ୍ରଥମେ ଗଛ ଦେବତାଙ୍କୁ ପୂଜା କରାଯାଇଥିଲା ।


ବୃକ୍ଷକୁ ସୁରକ୍ଷା ଦେବାକୁ ପୂଜାର୍ଚ୍ଚନା କରାଯାଉଛି।

## ଭିତ୍ତିପ୍ରସ୍ତର ସ୍ଥାପନକୁ ଦେଢ଼ ବର୍ଷ ବିତିଲା

# ନିର୍ମାଣ ହୋଇପାରୁନି ଅତିରିକ୍ତ ଶ୍ରେଣୀଗୃହ

## ନୀଳମାଧବ ମହାବିଦ୍ୟାଳୟ

ଖଣ୍ଡପଡା,୨୧।୩ (ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଅଧିନ କଣ୍ଟିଲୋସ୍ଥିତ ନୀଳମାଧବ ମହାବିଦ୍ୟାଳୟ ପରିସରରେ ନୂତନ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ସହ ଆନୁସଙ୍ଗିକ ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ଗତ ୨୦୨୪ ଅକ୍ଟୋବରରେ ଭିତି ପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ୧ କୋଟି ୬୦ଲକ୍ଷ ଟଙ୍କା ବ୍ୟୟ ବରାଦରେ ନିର୍ମାଣ ହେବାକୁ ଥିବା ଏହି କାର୍ଯ୍ୟର ଭିତି ପ୍ରସ୍ତର ସ୍ଥାପନ ହୋଇଥିବା ବେଳେ ଗତ ଫେବୃୟାରୀ ୭ ତାରିଖ କଲେଜରର ବାର୍ଷିକ ଉତ୍ସବରେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଖଣ୍ଡପଡା ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷଙ୍କ ସମେତ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଉପସ୍ଥିତି ରହି ଖୁବଶୀଘ୍ର ଉନ୍ନୟନମୂଳକ କାର୍ଯ୍ୟ ଆରମ୍ଭ ହେବ ବୋଲ ବିଧାୟକ ଓ ପ୍ରଶାସନିକ ଅଧିକାରୀମାନେ ପ୍ରତିଶୃତି ଦେଇଥିଲେ । ମାତ୍ର ବିଭିନ୍ନ ଟେକନିକାଲ ସମସ୍ୟାର ଆଳ ଦର୍ଶାଯାଇ କାର୍ଯ୍ୟଟିକୁ ଆରମ୍ଭ କରାଯାଉ ନ ଥିବା ଅଭିଯୋଗ ହେଉଛି। ତେବେ ଉକ୍ତ କାର୍ଯ୍ୟ ପାଇଁ ମୃତ୍ତିକା ପରୀକ୍ଷା (ସଏଲ ଟେଷ୍ଟ)ପରେ କାର୍ଯ୍ୟଟିକୁ ପାଏଲିଂ କରାଯାଇ ଆରମ୍ଭ ହେବ ବୋଲି ବିଡିଓ ଅଙ୍କୁର ଅଭିଳାଷ ସୂଚନା ଦେଇଥିଲେ । ଏହି କ୍ରମରେ ଗତ ଡ଼ିସେମ୍ବର ୧୬ ରେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଜେସିବ ମାଧ୍ୟମରେ ସଫା ସୁତରା କରିବା ପରେ କାର୍ଯ୍ୟର ଅଗ୍ରଗତି କିଛି ହୋଇ ପାରିନାହିଁ । ଏ ସମ୍ପର୍କରେ କଲେଜ କର୍ତ୍ତୃପକ୍ଷ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପରେ ସମ୍ପୃକ୍ତ କାର୍ଯ୍ୟଟିକୁ ଟେଣ୍ଡର ମାଧ୍ୟମରେ କରାଯିବ ବୋଲି ସୂଚନା ମିଳିଛି। ଏ ସମ୍ପର୍କରେ ବିଡିଓ ଅଙ୍କୁର ଅଭିଳାଷଙ୍କ ସହ ଯୋଗାଯୋଗ କରିବାରେ ପାଏଲିଂ କାର୍ଯ୍ୟରେ ପ୍ରାୟ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟହେବ । ତେଣୁ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଥିବା ସେ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ, ମହାବିଦ୍ୟାଳୟର ଉନ୍ନତିକରଣ କାର୍ଯ୍ୟ ଖଣ୍ଡପଡା ବ୍ଲକ ପ୍ରଶାସନ ଉପରେ ନ୍ୟସ୍ତ କରାଯାଇଥିବା ବେଳେ ଇତି ମଧ୍ୟରେ ୧୫ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ହେଁ ମହାବିଦ୍ୟାଳୟ ପରିସରରେ ଉନ୍ନୟନମୂଳକ କାର୍ଯ୍ୟ ଆଦୌ ଆରମ୍ଭ ହୋଇ ନ ଥିବାରୁ ଏ ନେଇ ଅସନ୍ତୋଷ ପ୍ରକାଶ କରଛନ୍ତି ଅନୁଷ୍ଠାନର କର୍ତ୍ତୃପକ୍ଷ। ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରଣଜିତ କୁମାର ତ୍ରିପାଠୀ, ବର୍ତ୍ତମାନର ଅଧ୍ୟକ୍ଷା ଡ. ନନ୍ଦିତା ବାରିକ, ଅଧ୍ୟାପକ ଓ କର୍ମଚାରୀମାନେ ବାରମ୍ବାର ଖଣ୍ଡପଡା ବିଡିଓଙ୍କୁ ଭେଟି ଏ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳି ନ ଥିବା ଜଣାପଡିଛି । ଅପରପକ୍ଷେ ଅନୁଦାନ ଅର୍ଥ ବିନିଯୋଗ ନ ହୋଇ ପଡି ରହିଥିବାରୁ ଏହା ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି । ପ୍ରକାଶଯେ, ଆବଶ୍ୟକ ଶ୍ରେଣୀଗୃହ ଅଭାବରୁ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନରେ ସମସ୍ୟା ସୃଷ୍ଟି ହେଉଥିବା ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ପ୍ରକାଶ । ତେବେ ଏଥିପ୍ରତି ନୟାଗଡ଼ ଜିଲାପାଳ, ବିଧାୟକ ଓ ଏମ୍‌ପି ଦୃଷ୍ଟି ଦେବାକୁ ଦାବି ହେଉଛି।

15001/10/2526
OFS
WE SERVE TO SAVE

ବିଦ୍ୟୁତ ସରଞ୍ଜାମ ବ୍ୟବହାର କଲା ବେଳେ
ସତର୍କ ରୁହନ୍ତୁ: ନିଆଁରୁ ସୁରକ୍ଷିତ ରୁହନ୍ତୁ

ପ୍ଲଗ୍ ଢିଲା ନାହିଁ ତ ?
ଏୟାର କଣ୍ଡିସନର ଯନ୍ତ୍ର ଦିନ ରାତି ଚାଲୁନି ତ ?
ୱାୟରିଂ ପୁରୁଣା ହୋଇନି ତ ? ତାତୁନି ତ ?
ସରଞ୍ଜାମରେ ସ୍ପାର୍କ ହେଉନି ତ ?
ସୁଇଚ୍ ବୋର୍ଡ ତାତୁନି ତ ?

ସତର୍କ ରୁହନ୍ତୁ:
୧. ନିୟମିତ ବ୍ୟବଧାନରେ ଜଣେ ଦକ୍ଷ ଇଲେକ୍ଟ୍ରିସିଆନ୍ ଦ୍ୱାରା ଯାଞ୍ଚ କରନ୍ତୁ ।
୨. ପୁରୁଣା ୱାୟରିଂ କିଛି ବର୍ଷ ପରେ ବଦଳାନ୍ତୁ ।
୩. ଯେତିକି ଲୋଡ୍ ସମ୍ଭାଳିବ ତା'ଠୁ ଅଧିକ ବୈଦ୍ୟୁତିକ ଯନ୍ତ୍ର ବ୍ୟବହାର କରନ୍ତୁ ନାହିଁ ।

ଦୁଇ-ତୃତୀୟାଂଶ ଅଗ୍ନିକାଣ୍ଡ ବୈଦ୍ୟୁତିକ ସରଞ୍ଜାମ ବ୍ୟବହାରରେ ଅସାବଧାନତା ଯୋଗୁଁ ଘଟିଥାଏ ।
ସତର୍କ ରୁହନ୍ତୁ: ଆଖି, କାନ ଓ ନାକ ବ୍ୟବହାର କରନ୍ତୁ : ସଚେତନ ହୁଅନ୍ତୁ ।

ନିଆଁ ଲାଗିଲେ ୧୧୨ ନମ୍ବରକୁ ଶୀଘ୍ର ଫୋନ୍ କରନ୍ତୁ ।
OIPR-15001/15001/2/25-26/0010

# ସ୍ୱାର୍ଥ ଆଗ, ପ୍ରାକୃତିକ ସମ୍ପଦର ସୁରକ୍ଷା ପଛ

## ବେଆଇନ କଳାପଥର ଖାଦାନରୁ ଉତ୍ତୋଳନ



ଜଙ୍ଗଲ ଜମିରୁ ପଥର ଲୁଟ୍ ହୋଇଛି ।

**ଯାଜପୁର,୨୧।୩(ହର୍ଷବର୍ଦ୍ଧନ ବେହେରା):** ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନରେ ଗତ ୩ ଦଶନ୍ଧି ଧରି ବେଆଇନ କଳାପଥର ଖାଦାନରୁ ଉତ୍ତୋଳନ ଉପରେ କେତେକ ସଂଗଠନ ବିରୋଧ କିମ୍ବା କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ କେବଳ ନିଜର ସ୍ୱାର୍ଥସାଧନରେ ଲାଗି ପଡ଼ିଛନ୍ତି। କେତେକ ସଂଗଠନର କର୍ମକର୍ତ୍ତା ପ୍ରାକୃତିକ ସମ୍ପଦର ସୁରକ୍ଷା କଥା କହି ଟଙ୍କା ଆଦାୟରେ ଲାଗିଛନ୍ତି ବୋଲି ଏବେ ସବୁଠି ଚର୍ଚ୍ଚା ହେଉଛି। ଏହି ତହସିଲ ଅଧିନରେ ୫୦୦ରୁ ଉର୍ଦ୍ଧ୍ୱ ଛୋଟବଡ ପାହାଡ ଛିନ୍‌ଭିନ୍ନ ହୋଇପଡିଛି। ସେଥିରୁ ଏଭଳି ସଂଗଠନଗୁଡ଼ିକ ଦ୍ୱାରା କେତେ ପାହାଡ଼ର ସୁରକ୍ଷା ହୋଇ ପାରିଛି ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରଶ୍ନ ଉଠୁଛି। ଏପରିକି ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ(ପିଆର୍‌ଏଫ୍)ରେ ଗଛ ଲାଗିବା ପରିବର୍ତ୍ତେ ଜଙ୍ଗଲକୁ ଧ୍ୱଂସ କରି ବିପୁଳ କୋଟି ଟଙ୍କାର ମୂଲ୍ୟବାନ କଳାପଥର ଉତ୍ତୋଳନ କରାଯାଇଛି। କଳାପଥର ଖାଦାନ ଓ କ୍ରସରଗୁଡ଼ିକରେ କେବଳ ଗତ ୭ ବର୍ଷ ମଧ୍ୟରେ ୪୪ ନୀରିହ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ୧୫।୫।୨୦୨୪ରେ ଡଙ୍କାରୀ ପାହାଡ ଧସି ୩ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଏନେଇ ୟୁଥ ୟୁନାଇଟେଡ ଫର ସଷ୍ଟେନେବୁଲ ଏନଭାରମେଣ୍ଟ ଟ୍ରଷ୍ଟ ପକ୍ଷରୁ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି)ରେ ୧୪୭/୨୦୨୪/ଇଜେଡରେ ଏକ ମାମଲା ରୁଜୁ ହୋଇଛି। ଏନଜିଟିରେ ହୋଇଥିବା ଅଭିଯୋଗ ଅନୁସାରେ ୨୦୧୭ରେ ୧୦, ୨୦୧୮ରେ ୧୪ ଓ ୨୦୨୩-୨୪ରେ ୨୦ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଏଥିରୁ ଶ୍ରମିକଙ୍କ ଜୀବନକୁ ତୁଚ୍ଛ ମନେ କରି ବେଆଇନ କଳାପଥର ଖାଦାନରେ କେତେକ ପ୍ରଭାବଶାଳୀ ଲୋକ ପ୍ରତିପତ୍ତି ସାଜିଥିବା ସ୍ପଷ୍ଟ ମନେ ହେଉଛି।

ଅନ୍ୟପକ୍ଷରେ ଅନୁମୋଦନଠାରୁ ଢେର ଗୁଣ ଅଧିକ କଳାପଥର ଉତ୍ତୋଳନ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହିସବୁ ସମ୍ବେଦନଶୀଳ ଘଟଣାଗୁଡ଼ିକ ଉପରେ କୌଣସି ସଂଗଠନ କେବେ ଚିନ୍ତା କରିବା ତ ଦୂରର କଥା ଆନ୍ଦୋଳନ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ ବି କରିନାହାନ୍ତି। ଯେଉଁଠି ନିଜର ଲାଭ ମିଳିଲା ନାହିଁ ସେଠାରେ ପହଞ୍ଚି କେବଳ ନାରାବାଜି ହେଉଥିବା ଜିଲାସାରା ଚର୍ଚ୍ଚାର ବିଷୟ ହୋଇଛି।

ଜଙ୍ଗଲ ଓ ପାହାଡ଼ ପର୍ବତର ସୁରକ୍ଷା ପାଇଁ ପୂର୍ବରୁ ପ୍ରଶାସନ ଓ ଲୋକପ୍ରତିନିଧିଙ୍କ ଆଦୌ ଆନ୍ତରିକତା ନ ଥିଲା। ଫଳରେ ଗତ ୩ ଦଶନ୍ଧି ଧରି କଳାପଥର ବ୍ୟବସାୟୀ ନିଜ ନିଜର କ୍ଷମତା ଅନୁସାରେ ଲୁଟ କରି ଆସିଛନ୍ତି। ଡଙ୍କାରୀ ପାହାଡ଼ରେ କଳାପଥର ଲୁଟ ମାମଲାକୁ ନେଇ ୪।୧।୨୦୧୯ରେ ଏନଜିଟି ପକ୍ଷରୁ ପରିବେଶଗତ କ୍ଷତି ପାଇଁ ୨୫ କୋଟି ଟଙ୍କାର ଜରିମାନା ଆଦାୟ ନିର୍ଦ୍ଦେଶ ହୋଇଥିଲା। ଏହାପରେ ରାଜ୍ୟ ସରକାରଙ୍କ ସଂପୃକ୍ତ ଅଧିକାରୀମାନେ କଳେବଳେ କୌଶଳେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ମୁକୁଳି ଯାଇଛନ୍ତି। ଏହାବାଦ ଅନୁମତି ଠାରୁ ଢେର ଗୁଣ ଅଧିକ କଳାପଥର ଉତ୍ତୋଳନ ଅଭିଯୋଗ ସାଟେଲାଇଟ ମାପଚୂପରେ ପ୍ରମାଣିତ ହେବା ପରେ ବିଭିନ୍ନ ପର୍ଯ୍ୟାୟରେ ୨୨ ଲିଜଧାରୀଙ୍କୁ ୩୨୦ କୋଟି ଟଙ୍କା ଜରିମାନା ନିର୍ଦ୍ଦେଶ ହୋଇଥିଲା। ଏହା ବି ସମ୍ପୂର୍ଣ୍ଣ ଭାବେ ଏଯାଏ ଅସୁଲି ହୋଇ ପାରିନାହିଁ। କିନ୍ତୁ ଏହି ମାପଚୂପରେ ସେତେବେଳେ ରଫାଦଫା କରାଯାଇଥିଲା। ବାସ୍ତବରେ ଠିକ ଭାବେ ମାପଚୂପ ହୋଇଥିଲେ ୫ ହଜାର କୋଟି ଟଙ୍କାର ଜରିମାନା ଆଦାୟ ହୋଇ ପାରିଥାନ୍ତା ବୋଲି ସେତେବେଳେ ମତପ୍ରକାଶ ପାଇଥିଲା।

କଟକ ଫରେଷ୍ଟ ଡିଭିଜନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶନର ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଅପେକ୍ଷା ପରେ ମଧ ଡାଳିଯୋଡା ରେଞ୍ଜ ଅନ୍ତର୍ଗତ ଯାଜପୁର ଜିଲାର ୧୫ଟି ପିଆରଏଫକୁ ଏଯାଏ ସଂରକ୍ଷିତ ଜଙ୍ଗଲ(ଆରଏଫ) ଭାବେ ଘୋଷଣା କରାଯାଇ ପାରିନାହିଁ। ଏହାର ସୁଯୋଗରେ କେତେକ ପ୍ରଭାବଶାଳୀ ବ୍ୟକ୍ତି ସଂପୃକ୍ତ ୪୩୪୬.୭୫ ହେକ୍ଟର ଜଙ୍ଗଲ ଜମି ମଧ୍ୟରୁ ଅଧିକାଂଶ ଅଞ୍ଚଳରେ ବେଆଇନଭାବେ କଳାପଥର, ମୋରମ, ମାଙ୍କଡା ପଥର ଖାଦାନ ଚଳାଇ ଆସିଛନ୍ତି। ଏଥିଯୋଗୁ ହଜାର ହଜାର ହେକ୍ଟର ଘନ ଜଙ୍ଗଲ ସହ ଜୈବବିବିଧତା ନଷ୍ଟ ହେଉଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏନେଇ ବିଭିନ୍ନ ସରକାରୀସ୍ତରରେ ଅଭିଯୋଗ କରାଗଲେ ଜଙ୍ଗଲ ଓ ରାଜସ୍ୱ ବିଭାଗ ଦୋଷ ଲଦାଲଦିରେ ବ୍ୟସ୍ତ ରହି ବର୍ଷ ବର୍ଷ ଧରି ସମୟ ଗଡାଇ ଚାଲିଛନ୍ତି। ଏହାବାଦ ସ୍କୁଲ, ବସତି ନିକଟରେ କ୍ରସର ଓ କଳାପଥର ଖାଦାନ ଚାଲିଛି। ସେଠାରେ ଛାତ୍ରୀଛାତ୍ର ଓ ଗ୍ରାମବାସୀଙ୍କ ଜୀବନ ବିପଦରେ ପଡିଛି। ଏହିସବୁ ଅନିୟମିତତା ଉପରେ କେତେକ ଅଞ୍ଚଳବାସୀ ନ୍ୟାୟ ପାଇଁ କୋର୍ଟକଚେରୀର ଦ୍ୱାରସ୍ଥ ହୋଇଛନ୍ତି। କିନ୍ତୁ ପ୍ରାକୃତିକ ସମ୍ପଦର ସୁରକ୍ଷା ନାମରେ ଗଢିଉଠିଥିବା କେତେକ ସଂଗଠନର କାର୍ଯ୍ୟ ସ୍ୱଚ୍ଛତା ଉପରେ ସାଧାରଣରେ ଅନେକ ପ୍ରଶ୍ନ ଉଙ୍କି ମାରିଛି।

ଏ ନେଇ ଯାଜପୁର ଲଘୁ ଖଣି ଉପନିର୍ଦ୍ଦେଶକ ଜୟପ୍ରକାଶ ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ବେଆଇନ ଲଘୁ ଖଣିଜ ସମ୍ପଦ ଉତ୍ତୋଳନ ଉପରେ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ମିଳିତ ଭାବେ ନୂତନ ଉତ୍ସ ଚିହ୍ନଟ ହେଉଛି। ଜିଲାସ୍ତରୀୟ ସ୍କ୍ୱାଡ୍ ଗଠନ କରି ବେଆଇନ ଖାଦାନଗୁଡ଼ିକରେ ଚଢାଉ କରାଯାଇ ଜରିମାନା ଆଦାୟ କରାଯାଉଛି।

# ବ୍ରହ୍ମବରଦାରେ ଇଦ୍ ପର୍ବ ପାଳିତ



ବିଦ୍ୟା ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟର ଅଧିକାରୀ ରାକେଶ ଦାସ ମୁସଲମାନ ଭାଇଙ୍କୁ ଗୋଲାପ ଫୁଲ ପ୍ରଦାନ କରୁଛନ୍ତି ।

**ବ୍ରହ୍ମବରଦା,୨୧।୩ (ଯଯାତି କେଶରୀ ବେହେରା):** ରସୁଲପୁର ବ୍ଲକ୍ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତସ୍ଥିତ ବ୍ୟାଙ୍କ ଛକ ଇଦ୍‌ଗାହ ପଡ଼ିଆଠାରେ ଶନିବାର ଇଦ୍-ଉଲ-ଫିତର ପର୍ବ ପାଳିତ ହୋଇଯାଇଛି। ବ୍ରହ୍ମବରଦା ଏବଂ ଚାନ୍ଦପୁର-ମହେଶ୍ୱରପୁର ପଞ୍ଚାୟତର ହଜାରହଜାର ମୁସଲମାନ ଭାଇ ଏହି ପର୍ବ ପାଳନ କରିଛନ୍ତି। ସମସ୍ତେ ନୂତନ ବସ୍ତ୍ର ପରିଧାନ କରି ବ୍ରହ୍ମବରଦା ଇଦଗାହ ପଡ଼ିଠାରେ ଏକତ୍ରିତ ହୋଇ ସମୂହ ନମାଜ ପାଠ କରିଥିଲେ। ଜିଲା ପରିଷଦ ସଭ୍ୟା ଭାରତୀ ବିଶ୍ୱାଳ, ବ୍ରହ୍ମବରଦା ସରପଞ୍ଚଙ୍କ ପ୍ରତିନିଧି ରାକେଶ ଦେଓ, ବିଦ୍ୟା ଗ୍ରୁପ ଅଫ ଇନଷ୍ଟିଚୁଟର ଅଧିକାରୀ ରାକେଶ ଦାସ ପ୍ରମୁଖ ଇଦଗାହ ପଡ଼ିଆରେ ଉପସ୍ଥିତ ରହି ମୁସଲମାନ ଭାଇମାନଙ୍କୁ ଗୋଲାପ ଫୁଲ ଦେଇ ଆଲିଙ୍ଗନ କରି ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ଭାଇଚାରାର ପର୍ବ ଇଦ ପାଇଁ ବ୍ରହ୍ମବରଦା ଓ ଏହାର ଆଖ ପାଖ ବେଶ ଚଳଚଞ୍ଚଳ ହୋଇ ଉଠିଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ରହ୍ମବରଦା ଥାନା ପକ୍ଷରୁ ଗୋଟିଏ ସେକ୍ସନ ପୋଲିସ ବିଭିନ୍ନ ଛକ ଓ ଇଦଗାହ ପଡ଼ିଆରେ ମୁତୟନ କରାଯାଇଥିଲା।

# ଗ୍ରାମ୍ୟ ଉନ୍ନୟନ ରାସ୍ତାର ଶିଳାନ୍ୟାସ



ବିଧାୟକ ରାସ୍ତା କାର୍ଯ୍ୟ ଶିଳାନ୍ୟାସ କରୁଛନ୍ତି ।

**ବରୀ,୨୧।୩(ମହେନ୍ଦ୍ର ସ୍ୱାଇଁ):** ବରୀ ବ୍ଲକ ଅଧୀନ ଚନ୍ଦନପୁର ପଞ୍ଚାୟତର ପୁନିଛକଠାରୁ ମେଦୁଆକୁଳ ଦକ୍ଷିଣ ସୁକଳ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଛନ୍ତି। ଉକ୍ତ ରାସ୍ତା ନିର୍ମାଣ ପାଇଁ ଦୀର୍ଘ ଦିନହେବ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଆସୁଥିଲା। ଏହାପରେ ବିଧାୟକ ଗ୍ରାମ୍ୟ ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ଘଟଣା ସ୍ଥଳକୁ ଆଣି କିଭଳି ଭାବରେ ଏହି ରାସ୍ତା ନିର୍ମାଣ ହୋଇ ପାରିବ ସେ ନେଇ ଆଲୋଚନା କରିଥିଲେ। ଉକ୍ତ ଆଲୋଚନା ପରେ ବିଭାଗ ତରଫରୁ ଅର୍ଥ ମଞ୍ଜୁର କରାଯାଇଥିଲା। ଶିଳାନ୍ୟାସ କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ଜିଲାପରିଷଦ ସଭ୍ୟ ଅଶୋକ ସାମଲ, ଦିଲୀପ ମହାନ୍ତି, ସନ୍ତୋଷ ସାମଲ, ବ୍ଲକ୍ ବିଜେଡି ସଭାପତି କେଦାର ସାମଲ, ଅରବିନ୍ଦ ମହାନ୍ତି, ହରିହର ପଣ୍ଡା ଓ ଚିନ୍ତାମଣି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଧର୍ମଶାଳା ଅଞ୍ଚଳରେ ଇଦ୍-ଉଲ୍-ଫିତର

**ଧର୍ମଶାଳା,୨୧।୩(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ଶନିବାର ଇଦ-ଉଲ୍-ଫିତର ପର୍ବ ମହାସମାରୋହରେ ପାଳିତ ହୋଇଯାଇଛି। ସକାଳୁ ମୁସଲମାନ ଭାଇମାନେ ସ୍ୱଚ୍ଛ ହୋଇ ନୂତନ ବସ୍ତ୍ର ପରିଧାନ କରି ଇଦଗାହ ଓ ମସଜିଦରେ ଏକତ୍ରିତ ହୋଇ ସମୂହ ନମାଜ ପାଠ କରିଥିଲେ। ପରେ ମୁସଲମାନ ଭାଇମାନେ ପରସ୍ପରକୁ ଆଲିଙ୍ଗନ କରି ଶୁଭେଚ୍ଛା ଜଣାଇଥିଲେ। ବ୍ଲକର ଚୋରମୁହାଁ ଇଦଗାହ ପଡ଼ିଆ, ଧର୍ମଶାଳା ମସଜିଦ, ଚହଟା ମସଜିଦ, ବଡ଼ମଙ୍ଗଳପୁର ଇଦଗାହ, ତରାପୁର ମସଜିଦ, କାଏମା ମସଜିଦ, ନେଉଳପୁର ଇଦଗାହ ଓ ମସଜିଦରେ ସମୂହ ନମାଜପାଠ କରାଯାଇଥିଲା। ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶାନ ପଣ୍ଡା ବିଭିନ୍ନ ମସଜିଦ ଓ ଇଦଗାହକୁ ଯାଇ ମୁସଲମାନ ଭାଇମାନଙ୍କୁ ଇଦ୍ ଶୁଭେଚ୍ଛା ଜଣାଇଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସମସ୍ତ ନମାଜପାଠ ସ୍ଥାନରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା ବୋଲି ଧର୍ମଶାଳା ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି। ରମଜାନର ଏକ ମାସ ଧରି ରୋଜା ବା ଉପବାସ ପରେ ଶୁକ୍ରବାର ସନ୍ଧ୍ୟାରେ ଜହ୍ନ ଦେଖି ସେମାନେ ରୋଜା ସମାପ୍ତ କରିଥିଲେ।

# ବିଶ୍ୱଶାନ୍ତି, ବିଶ୍ୱକଲ୍ୟାଣ ପାଇଁ ସମବେତ ନମାଜ ପାଠ



ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କୁ ବିଧାୟକ ପ୍ରମିଳା ମଲ୍ଲିକ ଶୁଭେଚ୍ଛା ଜଣାଉଛନ୍ତି ।

## ବିଞ୍ଝାରପୁର ବିଭିନ୍ନ ଅଞ୍ଚଳରେ ଇଦ୍ ପର୍ବ ପାଳିତ



୨ ବାଳକ ପରସ୍ପରକୁ ଇଦ୍ ମୁବାରକ ଜଣାଉଛନ୍ତି ।

**ବିଞ୍ଝାରପୁର,୨୧।୩(ରାମକୃଷ୍ଣ ଦାସ):** ବିଞ୍ଝାରପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ଶନିବାର ଇଦ-ଉଲ-ଫିତର ପାଳିତ ହୋଇଯାଇଛି। ରମଜାନ ମାସର ଶେଷରେ ଚାନ୍ଦ ଦେଖିବା ପରେ ପ୍ରତ୍ୟୁଷରୁ ମୁସଲମାନ ଶ୍ରଦ୍ଧାଳୁମାନେ ଶୁଦ୍ଧପୂତ ହୋଇ ନୂତନ ବସ୍ତ୍ର ପରିଧାନ କରି ଆଲ୍ଲାଙ୍କ ନିକଟରେ ବିଶ୍ୱଶାନ୍ତି ଓ ବିଶ୍ୱକଲ୍ୟାଣ ପାଇଁ ସମବେତ ନମାଜ ପାଠ କରି ଦୁଆ ମାଗିଥିଲେ। ଏହାପରେ ପରସ୍ପରକୁ ଆଲିଙ୍ଗନ କରି ଇଦ ମୁବାରକ ଜଣାଇ ସିମେଇ, ଲଛା, ମିଠା ଖାଇ ଖୁସି ମନାଇଥିଲେ। ଘରଘର ଯାଇ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ସୁରକ୍ଷା ଦୃଷ୍ଟିରୁ ବ୍ଲକର ବିଭିନ୍ନ ସ୍ଥାନରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ବିଞ୍ଝାରପୁର ପଠାନ ମହଲ୍ଲା ମସଜିଦରେ ମୌଲାନା ଅର୍ସାଦ ଜାକ୍କୀ, ଜମା ମସଜିଦରେ ଏହତେସାମ ହୋସେନ, ଶାସନ୍ଦା ଜମା ମସଜିଦରେ ମୌଲାନା ରାହାତ ଅଲି ଖାଁ, ଅଳକୁଣ୍ଡଠାରେ ୱାସୀମ ରାଜା, କୈଏଣା ରଘୁନାଥପୁରରେ ମୁଫତି ଓବେଦୁଲା ନମାଜ ପାଠ କରାଇବା ସହିତ ଆଲ୍ଲାଙ୍କ ବାଣୀ ସମ୍ପର୍କରେ ବିସ୍ତୃତ ବ୍ୟାଖ୍ୟା କରିଥିଲେ। ସ୍ଥାନୀୟ ବିଧାୟିକା ପ୍ରମିଳା ମଲିକ, ବ୍ଲକ ଅଧ୍ୟକ୍ଷ ରଞ୍ଜିତା କୁମାରୀ ଦାସ, ଉପାଧ୍ୟକ୍ଷ ସେକ୍ ଇର୍ସାଦ, କଂଗ୍ରେସ ନେତ୍ରୀ କନକଲତା ମଲ୍ଲିକ, ଅଶୋକ ସାହୁ, ସୁଖ ରଞ୍ଜନ ପରିଡା, ଏମ୍‌ଡି ସବିର, ମୋଜାହିଦ ଖାଁ ପ୍ରମୁଖ ପହଞ୍ଚି ଇଦ୍ ଶୁଭେଚ୍ଛା ଜଣାଇଥିଲେ।

# କାର୍ଯ୍ୟାନୁଷ୍ଠାନ ନ ହେଲେ ଆତ୍ମାହୁତି ଚେତାବନୀ

**ପାଣିକୋଇଲି,୨୧।୩(ବିକାଶ ଚନ୍ଦ୍ର ମଲ୍ଲିକ):** ଧର୍ମଶାଳା ପାହାଡ଼ ପର୍ବତ ସୁରକ୍ଷା ମଞ୍ଚ ସଭାପତି ସତୀଶ ବିଶ୍ୱାଳଙ୍କୁ ଆକ୍ରମଣ ଘଟଣାର କାର୍ଯ୍ୟାନୁଷ୍ଠାନ ଦାବିରେ ଶନିବାର ତାଙ୍କ ପରିବାର ଯାଜପୁର ଜିଲା ପୋଲିସ ମୁଖ୍ୟାଳୟ ଆଗରେ ଧାରଣା ଦେଇଛନ୍ତି। ଧାରଣାସ୍ଥଳରେ ଅତିରିକ୍ତ ଏସପି ଶୀତକଣ୍ଠ କାନୁନଗୋ, ଏସଡିପିଓ ଶରତ ଚନ୍ଦ୍ର ପାତ୍ର ପହଞ୍ଚି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ତେବେ ଏଥିରେ ବ୍ୟତୀକ୍ରମ ହେଲେ ଜିଲା ପୋଲିସ ମୁଖ୍ୟାଳୟ ଆଗରେ ସତୀଶଙ୍କ ପରିବାର ଅନଶନ କରିବା ସହ ଆତ୍ମାହୁତି ଦେବେବୋଲି ଚେତାବନୀ ଦେଇଛନ୍ତି। ଧର୍ମଶାଳା ତହସିଲ ଜେନାପୁର ଥାନା ଚକ୍ରଧରପୁର ମୌଜାର କୁସୁନପୁର ପାହାଡରୁ ବେଆଇନ କଳାପଥର ଲୁଟ ନେଇ ଚାଷୀ ସରକାରଙ୍କ ନିକଟରେ ଅଭିଯୋଗ କରି ବିଫଳ ହେବାପରେ ସତୀଶଙ୍କୁ କ୍ଷେତ୍ର ପରିଦର୍ଶନ ପାଇଁ ଡାକିଥିଲେ। ବିଶ୍ୱାଳ କ୍ଷେତ୍ର ପରିଦର୍ଶନ ବେଳେ ମାଫିଆମାନେ ସଂଘବଦ୍ଧ ହୋଇ ତାଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କ ଗାଡ଼ି ଭାଙ୍ଗି ଦେଇଥିଲେ। ଏନେଇ ସତୀଶ ଓ ଗ୍ରାମବାସୀ ପୋଲିସକୁ ଜଣାଇବା ପରେ ଜେନାପୁର ଥାନାଧିକାରୀ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ପୋଲିସ ଅଭିଯୁକ୍ତଙ୍କୁ ସୁରକ୍ଷା ଦେଇଥିଲା। ଏନେଇ ଗତ ୧୮ ତାରିଖରେ ସତୀଶଙ୍କ ପରିବାର ଏସପିଙ୍କୁ ଭେଟି ସମସ୍ତ ବିଷୟ ଅବଗତ କରିଥିଲେ। ଏହାପରେ ସତୀଶଙ୍କ ପରିବାର ଉପରେ ବିନା ମହିଳା ପୋଲିସରେ ଥାନା ପକ୍ଷରୁ ଚଢ଼ାଉ କରାଯାଇଥିଲା। ସତୀଶଙ୍କ ପରିବାର ନିର୍ଯାତନାର ଶିକାର ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି।

# ପାଣିକୋଇଲିରେ ଇଦ୍-ଉଲ୍-ଫିତର ପାଳିତ



ଇଦ୍ ପର୍ବରେ ସାମିଲ ହୋଇଥିବା ବିଧାୟକ ଆକାଶ ଦାସନାୟକ ।

**ପାଣିକୋଇଲି,୨୧।୩(ବିକାଶ ଚନ୍ଦ୍ର ମଲ୍ଲିକ):** ପାଣିକୋଇଲି ମସଜିଦଠାରେ ଇଦ-ଉଲ-ଫିତର ମହା ଆଡମ୍ବରରେ ପାଳିତ ହୋଇଯାଇଛି। ମୌଲବୀ କ୍ୱାରୀ ସେକ ସବିରଙ୍କ ନେତୃତ୍ୱରେ ମସଜିଦରେ ସମୂହ ନମାଜ ପାଠ କରାଯାଇଥିଲା। ପରେ ସମସ୍ତେ ସମସ୍ତଙ୍କୁ ଇଦ ମୁବାରକ ଜଣାଇଥିଲେ। ସମସ୍ତେ ନୂତନ ବସ୍ତ୍ର ପରିଧାନ କରିବା ସହ ମିଠା ଓ ସିମେଇ ଖୁଆଇ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କୋରାଇ ବିଧାୟକ ଆକାଶ ଦାସନାୟକ ଯୋଗଦେଇଥିଲେ। ସେକ ଜହର ଅଲ୍ଲୀଙ୍କ ନେତୃତ୍ୱରେ ଶତାଧିକ ବ୍ୟକ୍ତି ଏହି ପର୍ବରେ ସାମିଲ ହୋଇଥିଲେ। ସେହିପରି ଗୋଳେଇପୁର ପଞ୍ଚାୟତର ରାମପୁର ଶଗଡ଼ି ଓ ବଇଁଚିରାରେ ମଧ୍ୟ ଇଦ୍ ପାଳିତ ହୋଇଛି। ସମସ୍ତ କାର୍ଯ୍ୟକ୍ରମରେ ବିଧାୟକ ସାମିଲ ହୋଇଥିଲେ।

# ମଧୁବାରୁଣୀ ସ୍ନାନ ପାଇଁ ପ୍ରସ୍ତୁତି ବୈଠକ



ବୈଠକରେ ଯୋଗଦେଇଥିବା

**ଚଣ୍ଡିଖୋଲ,୨୧।୩ (ପ୍ରଦୀପ୍ତ କୁମାର ପୃଷ୍ଟି):** ଆସନ୍ତା ଚୈତ୍ର ମାସ ଶୁକ୍ଳ ପକ୍ଷ ଷଷ୍ଠୀ ତିଥିରେ ପବିତ୍ର ମଧୁ ବାରୁଣୀସ୍ନାନ ଯୋଗ ପଡୁଥିବାରୁ ତ୍ରିବେଣୀ ସଙ୍ଗମଠାରେ ଦିବ୍ୟ ସ୍ନାନ ଅନୁଷ୍ଠିତ ହେବ। ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଖଡ଼ଗପୁରଠାରେ ହଜାରହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ବୁଡ ପକାଇବେ। ବିରୂପା, ଗେଙ୍ଗୁଟି ଓ କେଲୁଅ ନଦୀର ସଙ୍ଗମ ସ୍ଥଳରେ ଆସନ୍ତା ୨୪ ତାରିଖ ମଙ୍ଗଳବାର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏନେଇ ଶନିବାର ଖଡ଼ଗପୁର ହାଟ ପଡ଼ିଆରେ ଶରତ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ପୂର୍ବତନ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ସରପଞ୍ଚ କିଶୋର ଚନ୍ଦ୍ର ବେହୁରା, କଂଗ୍ରେସ ନେତା ଅଜୟ ସାମଲ, ବିଳାସ ଚନ୍ଦ୍ର ବାରିକ, ସୁବାସ ଚନ୍ଦ୍ର ନାୟକ, ପ୍ରବୀର ସାମଲ, ସୁଧାଂଶୁ ଶେଖର ଜେନା, ନାରାୟଣ ପ୍ରଧାନ, ସୁବ୍ରତ ପୃଷ୍ଟି, ଖବରଦାତା ପ୍ରଦୀପ୍ତ ପୃଷ୍ଟି, ପ୍ରଭାସ ଦାଶ, ପ୍ରମୋଦ ପଣ୍ଡା, ଶୈଳେନ୍ଦ୍ର ରାୟ, ରତ୍ନାକର ପ୍ରଧାନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ନଦୀ ସ୍ନାନ, ମହାଯଜ୍ଞ, ଖାଦ୍ୟ ପେୟ, ଆଇନ ଶୃଙ୍ଖଳା, ଟ୍ରାଫିକ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କୁ ସମସ୍ତ ପ୍ରଶାସନିକ ସହଯୋଗ କରିବା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା। ରବିବାରଠାରୁ ଯଜ୍ଞ ଆରମ୍ଭ ହୋଇ ମଙ୍ଗଳବାର ପୂର୍ଣ୍ଣାହୁତି ହେବ। ଦେଉଳି ହରିହର ଧାମର ସନ୍ଥ ବାବା ହରିହର ଦାସ ମହାରାଜ ନଦୀ ଆଳତୀ ଓ ଯଜ୍ଞର ସମସ୍ତ ଦାୟିତ୍ୱ ବହନ କରିବେ ବୋଲି ସ୍ଥିର କରାଯାଇଥିଲା। ତ୍ରିବେଣୀ ସଙ୍ଗମର ଉଭୟ ପାର୍ଶ୍ୱ ନଦୀ ପଠା ଖଡ଼ଗପୁର ଓ ରଇପୁରଠାରେ ଯଜ୍ଞ ସହ ଦିବ୍ୟ ସ୍ନାନ କରାଯିବ। ସ୍ଥାନୀୟ ଅଞ୍ଚଳବାସୀ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ସଞ୍ଜୟ କୁମାର ଖୁଣ୍ଟିଆ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ପ୍ରଦୀପ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ରେନେସାଂ କଲେଜରେ ନୂତନଙ୍କୁ ସ୍ୱାଗତ, ପୁରାତନଙ୍କୁ ବିଦାୟ ସମ୍ବର୍ଦ୍ଧନା

# ଶିକ୍ଷା ହିଁ ଜୀବନ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭା ।

**ଧର୍ମଶାଳା,୨୧।୩ (ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ବ୍ଲକ୍ ଜାରକାସ୍ଥିତ ରେନେସାଂ ଜୁନିୟର କଲେଜରେ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଓ ପୁରାତନ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ କଲେଜର ପ୍ରତିଷ୍ଠାତା ବିଭୁତି ଭୂଷଣ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଶିକ୍ଷାବିତ୍ ପଞ୍ଚାନନ ତ୍ରିପାଠୀଙ୍କ ସଭାପତିତ୍ୱରେ କଲେଜ୍ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ତହସିଲଦାର ସମୀର ରଞ୍ଜନ ଦାସ ଯୋଗଦେଇ ପ୍ରଦୀପ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଧର୍ମଶାଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି ମୁଖ୍ୟବକ୍ତାଭାବେ ଯୋଗଦେଇ ଶିକ୍ଷା ହିଁ ଜୀବନ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟକ୍ଷ ଜ୍ଞାନରଞ୍ଜନ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବହୁ ଉପାଦେୟ ପରାମର୍ଶ ଦେଇଥିଲେ। ପୂର୍ବ ବର୍ଷ ବିଦ୍ୟାଳୟରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର କାହ୍ନୁ ଚରଣ ସେଠୀ, ସୋମ୍ୟାଶ୍ରୀ ଲେଙ୍କା, ସସ୍ମିତା ବେହେରା, ପୁନମ ପଣ୍ଡା, ପ୍ରଣୀତା ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ପକ୍ଷରୁ ବିଦାୟୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବାବେଳେ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ଶିକ୍ଷକ ନରେନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ କଲେଜ ଛାତ୍ରୀ ସୁଶ୍ରୀ ସଂଗୀତା ବେହେରାଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ମୁଖ୍ୟ ସମ୍ପାଦକ ଚିନ୍ମୟ କୁମାର ସାହୁ ସହଯୋଗ କରିଥିଲେ। ଅଧ୍ୟାପିକା ସନ୍ଧ୍ୟାରାଣୀ ବାରିକ ଧନ୍ୟବାଦ ଦେଇଥିଲେ।

**ସଂକ୍ଷେପରେ**

## ନରଣପଡ଼ାରେ ହନୁମାନ ଜୀଉଙ୍କୁ ଆରାଧନା

ଡେରାବିଶ,୨୧।୩
(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ନରଣପଡ଼ା ଗ୍ରାମରେ ବିଶ୍ୱ କଲ୍ୟାଣ ନିମନ୍ତେ ଶନିବାର ହନୁମାନ ଜୀଉଙ୍କୁ ଆରାଧନା କରାଯାଇଛି। ରାଷ୍ଟ୍ରରେ ଶାନ୍ତି ପ୍ରତିଷ୍ଠା ପାଇଁ ନରଣପଡ଼ା ଗ୍ରାମବାସୀଙ୍କ ଉଦ୍ୟମରେ ଅନୁଷ୍ଠିତ ଦ୍ୱିତୀୟ ବାର୍ଷିକ ମହାବୀର ଯଜ୍ଞରେ ପଣ୍ଡିତ ଜୟନ୍ତ କୁମାର ନନ୍ଦଙ୍କ ଦ୍ୱାରା ହନୁମାନ ଜୀଉଙ୍କ ଆରାଧନା ସହିତ ୧୦୮ ଚାଳିଶା ଓ ସୁନ୍ଦରାକାଣ୍ଡ ପାରାୟଣ କରାଯାଇଥିଲା। ଏଥିରେ କର୍ତ୍ତା, କର୍ତ୍ତ୍ରୀଭାବେ ଗୋବିନ୍ଦ ବେହେରା ଓ ଶାନ୍ତିଲତା ବେହେରା ଦାୟିତ୍ୱ ନିର୍ବାହ କରିଥିବା ବେଳେ ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଭକ୍ତ ଉପସ୍ଥିତ ରହି ହନୁମାନ ଜୀଉଙ୍କ ଆଶୀର୍ବାଦ କାମନା କରିଥିଲେ। କାର୍ଯ୍ୟକ୍ରମକୁ ଜଗନ୍ନାଥ ପ୍ରସାଦ ବେହେରା, ଜିତେନ୍ଦ୍ର ବେହେରା, ଖଗେଶ୍ୱର ବେହେରା, କୈଳାସ ବେହେରା ଓ ରମେଶ ଚନ୍ଦ୍ର ବେହେରାଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ।

## ଧର୍ମପ୍ରାଣ ବ୍ୟକ୍ତିଙ୍କ ପରଲୋକ



ଶତ୍ରୁଘ୍ନ ଦାଶ

ରାଜକନିକା,୨୧।୩
(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ସଦର ଅଞ୍ଚଳ ବାଘବୁଦା ପଞ୍ଚାୟତ ବାଘବୁଦା (ନୂଆସାହି) ଗାଁର ଶତ୍ରୁଘ୍ନ ଦାଶ(୮୪)ଙ୍କର ଶନିବାର ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ସେ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ଉଦାର ହୃଦୟର ମଣିଷ ଥିଲେ। ତାଙ୍କ ପରଲୋକ ଖବର ପାଇ ସତ୍ୟନାରାୟଣ ବଣିକ ସଂଘ କର୍ମକର୍ତ୍ତାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତିନି ପୁଅ ସୁବାସ, ଦୟାନିଧି ଓ ସନ୍ତୋଷଙ୍କ ସମେତ ବୋହୂମାନେ ଓ ଭଣଜା ତ୍ରିଲୋଚନ ପାଣି ଉପସ୍ଥିତ ଥିଲେ। ତାଙ୍କୁ ଗାଁ ପରିକ୍ରମା କରାଯାଇଥିଲା। ଶବାଧାରରେ ନିରୋଦ ଜେନାଙ୍କ ସମେତ ଗ୍ରାମବାସୀ ଓ ବହୁ ମାଣ୍ୟଗଣ୍ୟ ବ୍ୟକ୍ତି ସାମିଲ ଥିଲେ। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଜ୍ୟେଷ୍ଠପୁତ୍ର ସୁବାସ ମୁଖାଗ୍ନି ଦେଇଥିଲେ।

# ଇଦ୍‌ଗା ପଡ଼ିଆରେ ସମୂହ ନମାଜ ପାଠ



ଇଦ୍‌ଗା ପଡ଼ିଆରେ ସମୂହ ନମାଜ ପାଠ କରାଯାଇଛି।

କେନ୍ଦ୍ରାପଡ଼ା, ୨୧।୩ (ଜଗନ୍ନାଥ ଧଳ)

ପବିତ୍ର ରମ୍‌ଜାନ ମାସ ଶେଷରେ ମୁସଲମାନ ସମ୍ପ୍ରଦାୟର ଇଦ୍-ଉଲ୍-ଫିତର ଶନିବାର ପାଳିତ ହୋଇଯାଇଛି। ଏଥିପାଇଁ କେନ୍ଦ୍ରାପଡ଼ା ସହରରେ ବିପୁଳ ଉତ୍ସାହ ପରିଲକ୍ଷିତ ହୋଇଥିଲା। ସହରର ବିଭିନ୍ନ ସ୍ଥାନରେ ଥିବା ଇଦ୍‌ଗା ପଡ଼ିଆରେ ସମୂହ ନମାଜ ପାଠ କରାଯାଇଥିଲା। ଏଥିସହ ପରସ୍ପରକୁ କୋଳାଗ୍ରତ କରି ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ। ଇଦ୍ ପର୍ବ ପାଳନ ପାଇଁ ଗତ କିଛିଦିନ ଧରି ସହରର ବିଭିନ୍ନ ସ୍ଥାନରେ ଶୁଭେଚ୍ଛା ତୋରଣମାନ ଲଗାଯାଇଥିଲା। ସେହିପରି ଶୁକ୍ରବାର ସନ୍ଧ୍ୟାରୁ ସହରର ମସ୍‌ଜିଦଗୁଡ଼ିକୁ ଆଲୋକମାଳାରେ ସଜ୍ଜା ଯାଇଥିଲା। ଲୋକସଂଖ୍ୟାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ନମାଜ ପାଠ ପାଇଁ ବିଭିନ୍ନ ଇଦ୍‌ଗାରେ ବ୍ୟବସ୍ଥା ହୋଇଥିଲା। ସହରର ଫକୀରାବାଦସ୍ଥ ମସ୍‌ଜିଦ, ଗୌଡ଼ଗୋପସ୍ଥ ରସୁଲାବାଦ ମସ୍‌ଜିଦ,

### ଇଦ୍-ଉଲ୍-ଫିତର ପାଳିତ

ପୁରୁଣା ଇଦ୍‌ଗାରେ, ନୂଆ ଇଦ୍‌ଗା ପଡିଆରେ ଧାର୍ଯ୍ୟ ସମୟ ମୁତାବକ ସମୂହ ନମାଜ ପାଠ ହୋଇଥିଲା। ସେହିପରି ସହରର ସଲ୍‌ଫିଆ ଇଦ୍‌ଗା ଠାରେ ସମୂହ ନମାଜ ପାଠ ହୋଇଥିଲା। ସୂଚନାଯୋଗ୍ୟ, ଏଠାରେ ପ୍ରତିବର୍ଷ ପରି ମହିଳାମାନେ ସମୂହ ନମାଜ ପାଠ କରିଥିଲେ। ଏହି ଅବସରରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜ୍ୟ ବିଜେଡି ସମ୍ପାଦକ ରଞ୍ଜିତ ସାହୁ, ପୂର୍ବତନ କାଉନ୍‌ସିଲର ହିରଣ୍ୟ କୁମାର ପଣ୍ଡା, ବିଜେଡି ସଂଖ୍ୟାଲଘୁ ସେଲ୍ ସଭାପତି ସେକ୍ ଇନାୟତ ଖାଁ, ସୌମେନ୍ଦ୍ର ପୃଷ୍ଟି, ଭାଜପା ନେତା ସଲିମ ଖାଁ, ଯୁବନେତା ରାଜେଶ ପଣ୍ଡା ପ୍ରମୁଖ ବିଭିନ୍ନ ସାହି ଓ ମସ୍‌ଜିଦ ନିକଟରେ ପହଞ୍ଚି ମୁସଲମାନଭାଇଙ୍କୁ ଶୁଭେଚ୍ଛା ଜଣାଇଥିଲେ। କେନ୍ଦ୍ରାପଡ଼ା ବ୍ଲକ ଗାଙ୍ଗପଡା ପଞ୍ଚାୟତ ଭରସିଂସ୍ଥିତ ଜୁମା ମସ୍‌ଜିଦରେ ସମୂହ ନମାଜ ପାଠ ହୋଇଥିଲା। ଏଥିରେ ଭରସିଂ, ଦୋବନ୍ଧା, ବଉଳପଡ଼ା, ପଳସିଂହାର ହଜାରରୁ ଅଧିକ ମୁସଲମାନ ସମ୍ପ୍ରଦାୟର ଲୋକ ସାମିଲ ହୋଇଥିଲେ।

## ଦେବେନ୍ଦ୍ର ଶର୍ମା ଥିଲେ ପ୍ରତିବାଦର ସ୍ୱର



ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ଆଳି,୨୧।୩(ବନମାଳୀ ସେନାପତି)

ଦେବେନ୍ଦ୍ର ଶର୍ମା ଥିଲେ ପ୍ରତିବାଦର ସ୍ୱର। ଯେଉଁଠି ଅନ୍ୟାୟ ଅତ୍ୟାଚାର ଦେଖୁଥିଲେ, ସେଇଠି ତାଙ୍କର ସ୍ୱର ଶୁଣିବାକୁ ମିଳୁଥିଲା। ଶର୍ମା ଜଣେ ଦରଦୀ ମଣିଷ ଭାବେ ଜନ ମାନସରେ ପରିଚିତ ଥିଲେ। ସେ ପରିବାର ଅପେକ୍ଷା ଆଳି କନିକାବାସୀଙ୍କ ସେବାରେ ନିଜକୁ ଜଡିତ ରଖୁଥିଲେ ବୋଲି ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକରେ ଅତିଥିମାନେ ପ୍ରକାଶ କରିଛନ୍ତି। ଶନିବାର ଆଳି ଆଦର୍ଶ ବିଦ୍ୟାଳୟ ସମ୍ମୁଖ ପଡିଆରେ ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଓ ନୀଳାଦ୍ରି ଭୂଷଣ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ସିପ୍ରା ମଲ୍ଲିକ, କିଶୋର ତରାଇ, ଭାଜପା ନେତା କୃଷ୍ଣଚନ୍ଦ୍ର ପଣ୍ଡା, ଶୁଭେନ୍ଦୁ ମହାନ୍ତି, ରତିକାନ୍ତ କାନୁନ୍‌ଗୋ, ବିଧାନଚନ୍ଦ୍ର ଦାସ, ବ୍ରଜ ସୁନ୍ଦର ଭୂୟାଁ, ପ୍ରଫୁଲ୍ଲ ଦାସ, ସିପିଆଇଏମ୍ ଜିଲା ସମ୍ପାଦକ ଗୟାଧର ଧଳ, ବିଭ୍ରାଂଶୁ ଲେଙ୍କା, ଶରତ ମହାନ୍ତି, ଚିନ୍ମୟ ବେହୁରା, ରାଧାକାନ୍ତ ସେଠୀ ପ୍ରମୁଖଙ୍କ ସହ ଅନ୍ୟମାନେ ଯୋଗଦେଇ ଦେବେନ୍ଦ୍ର ଶର୍ମା ସମଗ୍ର ରାଜ୍ୟର ଏକ ଚର୍ଚ୍ଚିତ ଚେହେରା ଥିଲେ। ସେ କୌଣସି ଲୋକଙ୍କ ଦୁଃଖକୁ ସହିପାରନ୍ତି ନାହିଁ। ଛାତ୍ର ଜୀବନରୁ ନିଜକୁ ନେତା ଭାବରେ ଗଢ଼ି ତୋଳିବାରେ ସକ୍ଷମ ହୋଇଥିଲେ। କ୍ଷମତାରେ ନ ଥିଲେ ମଧ୍ୟ ସେ ସର୍ବଦା ଆଳି କନିକାବାସୀଙ୍କ ସୁଖ ଦୁଃଖରେ ଠିଆ ହେଉଥିଲେ। ତାଙ୍କ ଅବର୍ତ୍ତମାନ ଆଳିବାସୀଙ୍କ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଶର୍ମାଙ୍କ ବାସଭବନ ନିକଟରେ ଥିବା ପ୍ରତିମୂର୍ତ୍ତିକୁ ପିସିସି ସଭାପତି ଭକ୍ତ ଚରଣ ଦାସ ଓ ଆଳି ବିଧାୟକ ପ୍ରତାପ କେଶରୀ ଦେବ ଉନ୍ମୋଚନ କରିଥିଲେ। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଦ୍ୱାରା 'ଦେବ ଦ୍ରୁମ' ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଦେବେନ୍ଦ୍ର ଶର୍ମା ସ୍ମୃତି କମିଟି ପକ୍ଷରୁ ସକାଳେ ମିନି ମାରାଥନ ହେବା ସହ ଏକ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଶର୍ମାଙ୍କ ଝିଅ ଡାକ୍ତର ଦେବସ୍ମିତା ଶର୍ମା ଧନ୍ୟବାଦ ଦେଇଥିଲେ।

# ହିନ୍ଦୁଙ୍କୁ ମୁସଲମାନ ଭାଇ ଇଦ୍ ମୁବାରକ ଜଣାଇଲେ

ପାଟକୁରା,୨୧।୩(ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ତେଣ୍ଡାକୁଡା, ପଳଶୁଧା ଓ ପାଟକୁରାର ବିଭିନ୍ନ ମସ୍‌ଜିଦରେ ସମୂହ ନମାଜ ପାଠ ପରେ ମୁସଲମାନ ଭାଇମାନେ ଇଦ୍ ପର୍ବ ପାଳନ କରିଛନ୍ତି। ରମଜାନ ମାସ ତମାମ ଉପବାସ ରହି ରୋଜା ପାଳିବା ପରେ ଶୁକ୍ରବାର ରୋଜା ଶେଷ ହୋଇଥିଲା। ସମୂହ ନମାଜପାଠ ପରେ ମସ୍‌ଜିଦରୁ ବାହାରିବା ମାତ୍ରେ ବାହାରେ ଅପେକ୍ଷା ରତ ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ, ସ୍ଥାନୀୟ ଅଞ୍ଚଳର ହିନ୍ଦୁ ସାମ୍ପ୍ରଦାୟର ମୁରବୀମାନେ ମୁସଲମାନ ଭାଇମାନଙ୍କୁ ଆଲିଙ୍ଗନ ପୂର୍ବକ ଇଦ୍ ମୁବାରକ ଜଣାଇ ସେମାନଙ୍କ ସୁଖ ସମୃଦ୍ଧି କାମନା କରିଥିଲେ। ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ତେଣ୍ଡାକୁଡା ଜୁମା ମସ୍‌ଜିଦ ବାହାରେ ମୁସଲମାନ ଭାଇମାନଙ୍କୁ ଆଲିଙ୍ଗନ ପୂର୍ବକ ଇଦ୍‌ମୁବାରକ ଜଣାଇ ସେମାନଙ୍କର ଓ ସେମାନଙ୍କ ପରିବାର ସଦସ୍ୟଙ୍କର ସୁଖ ସମୃଦ୍ଧି କାମନା କରିଥିଲେ। ମୁସଲମାନ ଭାଇମାନେ ମଧ୍ୟ ବାହାରେ ଅପେକ୍ଷାରତ ହିନ୍ଦୁ ସାମ୍ପ୍ରଦାୟ ଭାଇମାନଙ୍କୁ ଇଦ୍ ମୁବାରକ ଜଣାଇ ସେମାନଙ୍କ ସୁଖ ସମୃଦ୍ଧି କାମନା କରିଥିଲେ ଓ ସେମାନଙ୍କୁ ବିଭିନ୍ନ ପ୍ରକାର ମିଠା ଖୁଆଇଥିଲେ। ମୁସଲମାନ ଭାଇମାନେ ବିଧାୟକଙ୍କୁ ଶ୍ରଦ୍ଧାରେ ଟୋପି ପିନ୍ଧାଇ ମିଠା ଖୁଆଇଥିଲେ। ବିଧାୟକଙ୍କ ସହିତ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବାସୁଦେବ ବେହେରା,ଯୁବ ନେତା କ୍ଷିତୀଶ ଚନ୍ଦ୍ର ଦାଶ,ଦିଲ୍ଲୀପ କୁମାର ସେଠୀ, ସରପଞ୍ଚ ମାନସ ରାଉତ, ସୁକାନ୍ତ ନାୟକ, ନାଭେଦ ଜାଫର, ଜମିଲ ଅଫତର, ଶେଖ ଜିଲାନି ଓ ଅବନୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ବିଧାୟକ ଅରବିନ୍ଦ ମହାପାତ୍ର ମୁସଲମାନ ଭାଇମାନଙ୍କୁ ଇଦ୍ ମୁବାରକ ଜଣାଉଛନ୍ତି।

## ଆଳିରେ ଇଦ୍-ଉଲ୍--ଫିତର ପାଳିତ

ଆଳି,୨୧।୩(ବନମାଳୀ ସେନାପତି)

ଗୋଟିଏ ମାସ ରମଜାନ୍ ଓଷା ପରେ ଶନିବାର ଇଦ୍-ଉଲ୍-ଫିତରକୁ ଧୁମ୍‌ଧାମରେ ପାଳନ କରିଛନ୍ତି ମୁସ୍‌ଲିମ ସମ୍ପ୍ରଦାୟର ଆବାଳବୃଦ୍ଧବନିତା। ଏହି ଅବସରରେ ଆଳି ବ୍ଲକ ମେଣ୍ଟପୁର ପଞ୍ଚାୟତରେ ଆଡ଼ମ୍ବରରେ ପାଳିତ ହୋଇଯାଇଛି ଇଦ୍ ଉଲ୍ ଫିତର। ଗୋପ, ପଦନପୁର, ରସୁଲପୁର ଓ କଳାପାହାଡ଼ ଗ୍ରାମରେ ବାସ କରୁଥିବା ମୁସ୍‌ଲିମ ସମ୍ପ୍ରଦାୟର ବ୍ୟକ୍ତିମାନେ ପବିତ୍ର ରମଜାନ୍ ମାସରେ ଏକ ମାସ ଧରି ରୋଜା ପାଳନ କରିବା ପରେ ଶନିବାର ଇଦ୍ ଉତ୍ସବ ମନାଇଛନ୍ତି। ଏହି ଅବସରରେ ପରିବାରର ମହିଳାମାନେ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରି ଖାଇବା ସହିତ ବନ୍ଧୁ ପରିଜନଙ୍କୁ ମଧ୍ୟ ଖୁଆଇ ଖୁସି ମନାଇଛନ୍ତି। ମୁସ୍‌ଲିମ ଭାଇମାନେ ସ୍ଥାନୀୟ ଇଦ୍‌ଗା ପଡିଆରେ ସାମୂହିକ ନମାଜ ପାଠ କରି ପରସ୍ପରକୁ ଇଦ୍ ମୁବାରକ ଜଣାଇଥିଲେ। ଇଦ୍‌ଗା ପଡିଆ ବାହାରେ ମୁସ୍‌ଲିମ ଭାଇମାନଙ୍କୁ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ଭାଜପା ନେତା କୃଷ୍ଣଚନ୍ଦ୍ର ପଣ୍ଡା, ଆଳିପଞ୍ଚାୟତ ସମିତିଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି, ପ୍ରଦ୍ୟୁମ୍ନ ଦାଶ, ଦେମାଳ ସରପଞ୍ଚ ପ୍ରତିନିଧି କୃଷ୍ଣଚନ୍ଦ୍ର ପରିଡା, କଂଗ୍ରେସ ବ୍ଲକ ସଭାପତି ରବିନାରାୟଣ ବେହେରା ଓ ପୂର୍ବତନ ସରପଞ୍ଚ ଦିବାକର ନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇଥିଲେ।

## ଶ୍ରୀଜଗନ୍ନାଥଙ୍କ ୩୨ ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

କେନ୍ଦ୍ରାପଡ଼ା, ୨୧।୩ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହର ଇଚ୍ଛାପୁରସ୍ଥ ଶ୍ରୀ ବଳଦେବଜୀଉ ରଥଦାଣ୍ଡରେ ଶ୍ରୀ ଜଗନ୍ନାଥଙ୍କ ୩୨ ବେଶ ପ୍ରଦର୍ଶନ କରାଯାଉଛି। ଗରାପୁରସ୍ଥ ଦିବ୍ୟଜୀବନ ସଂଘ ଶିବାନନ୍ଦ ଆଶ୍ରମ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏହାକୁ ଆଶ୍ରମ ଅଧ୍ୟକ୍ଷା ଶ୍ରୀମା ଦିବ୍ୟସ୍ୱରୂପାନନ୍ଦ ମହାରାଜ, ଡା. ବୈକୁଣ୍ଠନାଥ ପଣ୍ଡା, ବ୍ରହ୍ମପୁରସ୍ଥ ଦିବ୍ୟାଙ୍ଗ ଅନୁଷ୍ଠାନ କର୍ମକର୍ତ୍ତା ଭବାନୀଶଙ୍କର ପାଢ଼ୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଗତ ୧୯ ତାରିଖଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ପ୍ରତ୍ୟହ ସନ୍ଧ୍ୟାରେ ଭିଡ଼ ଜାରି ରହିଛି। ସନ୍ଧ୍ୟାରେ ଦୃଷ୍ଟିବାଧିତ ପିଲାଙ୍କ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ ଜାରି ରହିଛି। ଏହାକୁ ସ୍ଥାନୀୟ ଅଞ୍ଚଳର ବଳଦେବ ସେନା, ବଜରଙ୍ଗ ଦଳ ଓ ଧର୍ମ ଜାଗରଣ ସେନାର କର୍ମକର୍ତ୍ତାଙ୍କ ସହ ସ୍ଥାନୀୟ ଅଞ୍ଚଳବାସୀ ପରିଚାଳନା କରୁଛନ୍ତି।

## ୪୯ତମ ର୍ୟାଙ୍କରେ ସୁଶ୍ରୀ ଶୁଭଶ୍ରୀ

**ସର୍ବ ଭାରତୀୟ ଆଇଆଇଟି ପରୀକ୍ଷା**



ସୁଶ୍ରୀ ଶୁଭଶ୍ରୀ ସ୍ୱାଇଁ

ରାଜକନିକା, ୨୧।୩(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଭାରିଗଦା ପଞ୍ଚାୟତ ମଙ୍ଗଳପୁର ଗାଁର ସୁଶ୍ରୀ ଶୁଭଶ୍ରୀ ସ୍ୱାଇଁ ସର୍ବ ଭାରତୀୟ ଆଇଆଇଟି ପିଜି ପରୀକ୍ଷାରେ ୪୯ତମ ର୍ୟାଙ୍କ ରଖି ରାଜ୍ୟ ତଥା କେନ୍ଦ୍ରାପଡ଼ା ଜିଲା ଓ ରାଜକନିକା ବ୍ଲକକୁ ଗୌରବାନ୍ୱିତ କରିଛନ୍ତି। ସେ ନାରାୟଣ ସ୍ୱାଇଁ ଓ ଭାରତୀ ସ୍ୱାଇଁଙ୍କ ନାତୁଣୀ ତଥା ପ୍ରଦୀପ୍ତ କୁମାର ସ୍ୱାଇଁ ଓ ଗୀତାଞ୍ଜଳି ନାୟକଙ୍କ ସୁପୁତ୍ରୀ ଅଟନ୍ତି। ଛୋଟ ବେଳୁ ମେଧାବୀ ଥିବା ଶୁଭଶ୍ରୀ ସ୍କୁଲିଙ୍ଗ ଡିଏଭିରେ ଶେଷ କରି, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଭୂତତ୍ତ୍ୱ ବିଜ୍ଞାନରେ ସର୍ବଶ୍ରେଷ୍ଠ ର୍ୟାଙ୍କ ରଖି ଉତ୍ତୀର୍ଣ୍ଣ ହୋଇ ପୁରସ୍କୃତ ହୋଇଥିଲେ। ତାଙ୍କର ଏହି ସଫଳତା ପାଇଁ ଜଗତର ନାଥ ଜଗନ୍ନାଥ, ମା-ବାପା, ଜେଜେମା-ଜେଜେବାପାଙ୍କ ସମେତ ଅଧ୍ୟାପିକା-ଅଧ୍ୟାପକ ଓ ସୁଚିନ୍ତକଙ୍କୁ ଶ୍ରେୟ ଦେଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ଅଞ୍ଚଳର ବୁଦ୍ଧିଜୀବୀ ଓ ଶିକ୍ଷାବିତ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବଡ଼ଭାଇ ମୃତ୍ୟୁ ଖବର ପାଇ ସାନଭାଇର ମୃତ୍ୟୁ

କେନ୍ଦ୍ରାପଡା, ୨୧।୩ (ଜଗନ୍ନାଥ ଧଳ)

କେନ୍ଦ୍ରାପଡା ବ୍ଲକ ଚଉଦକୁଳାଟ ଗ୍ରାମରେ ଏକ ଅଘଟଣ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ବଡ ଭାଇଙ୍କ ମୃତ୍ୟୁ ଖବର ପାଇ ସାନଭାଇଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ଗ୍ରାମର ଉମେଶ ନାୟକ(୭୯) ବର୍ଷରେ ଭୁବନେଶ୍ୱରରେ ଶୁକ୍ରବାର ମୃତ୍ୟୁ ହୋଇଥିଲା। ଏହି ଖବର ମିଳିବା ପରେ ସନ୍ଧ୍ୟାରେ ସାନଭାଇ ନିମାଇଁଙ୍କର ହୃଦ୍‌ଘାତ ହୋଇଥିଲା। ତାଙ୍କୁ ଚିକିତ୍ସା ପାଇଁ ପରିବାର ସଦସ୍ୟ ନେଇଥିବା ସମୟରେ ମୃତ୍ୟୁ ହୋଇଥିଲା। ଉମେଶ ବନ ବିଭାଗରେ କାର୍ଯ୍ୟ କରି ଅବସର ନେଇଥିବା ବେଳେ ସାନଭାଇ କେନ୍ଦ୍ରାପଡା ଜିଲାପାଳ କାର୍ଯ୍ୟାଳୟରୁ ଅବସର ନେଇଥିଲେ।

# ଡେରାବିଶରେ ଶାନ୍ତିଶୃଙ୍ଖଳାରେ ପାଳିତ ଇଦ୍-ଉଲ୍-ଫିତର

ଡେରାବିଶ, ୨୧।୩
(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅଞ୍ଚଳରେ ଥିବା ସମସ୍ତ ମୁସଲମାନ ସାହିରେ ଶନିବାର ଶାନ୍ତିଶୃଙ୍ଖଳାର ସହ ପବିତ୍ର ଇଦ୍-ଉଲ୍-ଫିତର ପାଳିତ ହୋଇଯାଇଛି। ଏଥିପାଇଁ ଶୁକ୍ରବାର ସନ୍ଧ୍ୟାରୁ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ବିଭିନ୍ନ ମସଜିଦ୍ ଓ ଇଦ୍‌ଗାକୁ ରଙ୍ଗବେରଙ୍ଗ ଆଲୋକମାଳାରେ ସଜ୍ଜିତ ଯାଇଥିଲା। ଶାନ୍ତି, ଭାଇଚାରା ଓ ଦାନଦକ୍ଷିଣାର ସର୍ବଦା ସନ୍ଦେଶ ବହନ କରି ଆସିଥିବା ଏହି ଇଦ୍-ଉଲ୍-ଫିତର ଉପଲକ୍ଷେ ବ୍ଲକ ଅଞ୍ଚଳରେ ଥିବା ସମସ୍ତ ସାହିଗୁଡ଼ିକରେ ଶନିବାର ପ୍ରାତଃରୁ ମୁସଲମାନ ଭାଇଭଉଣୀମାନେ ନୂତନ ବସ୍ତ୍ର ପରିଧାନ କରିବା ସହିତ ସମସ୍ତଙ୍କ ଘରେ ସ୍ୱାଦିଷ୍ଟ ଭୋଜନମାନ ରନ୍ଧାଯାଇଥିଲା।

ସେହିପରି ପରିବାରର ସ୍ତ୍ରୀ ଲୋକମାନେ ନିଜର ନିକଟସ୍ଥ ବନ୍ଧୁ ପରିଜନ ଓ ସାହି ପଡ଼ୋଶୀ ଘରକୁ ଯାଇ ମିଷ୍ଟାନ୍ନ ବଣ୍ଟନ କରିବା ସହିତ ପରସ୍ପରକୁ ଇଦ୍‌ର ଅଭିନନ୍ଦନ ଜଣାଇଥିବା ଦେଖାଯାଇଛି। ଏହି ଅବସରରେ ବିଭିନ୍ନ ମୁସଲମାନ ସାହିରେ ଥିବା ମସଜିଦ୍ ଓ ଇଦ୍‌ଗାଗୁଡ଼ିକରେ ସକାଳ ୯ଟାରୁ ୧୦ଟା ମଧ୍ୟରେ ଇଦର ସମୂହ ନମାଜପାଠ କରାଯିବା ସହ ସମଗ୍ର ବିଶ୍ୱ ସମେତ ଭାରତବର୍ଷର ଶାନ୍ତି ଓ ପ୍ରଗତି ପାଇଁ ସମୂହ ପ୍ରାର୍ଥନା କରାଯାଇଥିଲା। ଏହି ଉପଲକ୍ଷେ ଡେରାବିଶ ବ୍ଲକ ଅନ୍ତର୍ଗତ ଗୋଲରାହାଟ ପଞ୍ଚାୟତ ଦେଓବନ୍ଦି ଜୁମା ମସଜିଦ୍‌ରେ ହାଫିଜ ମକ୍‌ବୁଲ ସାହେବ ଇଦ୍‌ର ସମୂହ ନମାଜପାଠ କରାଇଥିବା ବେଳେ ସୁନ୍ନି ବରେଲି ମସଜିଦ୍‌ରେ ହାଫିଜ ଜୁନୈଦ ସାହେବ ସମୂହ ନମାଜପାଠ କରାଇଥିଲେ। ସେହିପରି ବ୍ଲକ ଅଧୀନ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅଧୀନ ଛଞ୍ଚିଣା ନୂଆହାଟ ତେନ୍ତୁଲ ମସଜିଦ୍‌ରେ ହାଫିଜ ସେକ୍ ଜଲାଲଉଦ୍ଦିନ ସାହେବ, ବାଲିଆ ପଞ୍ଚାୟତ ବାଲିଆ ମସ୍‌ଜିଦ୍‌ରେ ମୌଲାନା କୁଦ୍ଦୁଶ୍ ସାହେବ, ଚାଟରାଚକଡା ପଞ୍ଚାୟତର ଓଲଡି ସୁନ୍ନି ତଏତୁଲ ମସଜିଦ୍‌ରେ ମୌଲାନା ରହେବର୍ ଅଲ୍ଲି, କାଉପଡା ସ୍ଥିତ ଦେଓବନ୍ଦି ମସଜିଦରେ ହାଫିଜ ଆଜମ ସାହେବ, ଓଲଡି ମିର୍ଜାନଗର ମସଜିଦ୍‌ରେ ହାଫିଜ୍ ଲୋକମାନ ଅଖତର ସାହେବ, କୁରୁଜଙ୍ଗା ପଞ୍ଚାୟତ ମନ୍ତ୍ରୀପଡା ମସଜିଦ୍‌ରେ ହାଫିଜ ଓ କାରୀ ଜାକିର ହୁସେନ ନୁରୀ, କୁଶିଆପାଳ ପଞ୍ଚାୟତ ଅନ୍ତର୍ଗତ ହଳଦିଆ ସୁନ୍ନି ବରେଲି ମସଜିଦ୍‌ରେ ମୌଲାନା ଅବରାର୍ ଅହେମ୍ମଦ ହବିବି ଓ ଦେଓବନ୍ଦି ମସଜିଦରେ ହାଫିଜ ସଫି ଅହେମଦ ସାହେବ ସମୂହ ନମାଜପାଠ କରିଥିଲେ। ଏତଦ୍‌ବ୍ୟତୀତ ଗୁଆଳସିଂ ପଞ୍ଚାୟତ ମିର୍ଜାପାଟଣା ମସଜିଦ୍‌ରେ ହାଫିଜ ସୟଦ ମୋକାରମ୍ମୁଲ୍ ଇସଲାମ୍ ସାହେଜ, ନିୟାମତପୁର ମସଜିଦରେ ହାଫିଜ ମିର୍ଜା କାଶିମ ବେଗ୍ ସାହେବ ଓ ମଦିନାବାଗ ମସଜିଦ୍‌ରେ ହାଫିଜ ଫାରୁକ ସାହେବ ଏବଂ ବେଣୀପୁର ପଞ୍ଚାୟତ ଅଧୀନ ସଦାନନ୍ଦପୁର ମସଜିଦରେ ହାଫିଜ ନଜ୍‌ରୁଲ ହସନ ସାହେବ ସମୂହ ନମାଜ ପାଠ କରାଇବା ସହ ବିଶ୍ୱକଲ୍ୟାଣ ଓ ଭ୍ରାତୃତ୍ୱଭାବ ଶାନ୍ତି ଓ ସୌହାର୍ଦ୍ଦ୍ୟ ପାଇଁ ସମୂହ ଦୁଆ (ପ୍ରାର୍ଥନା) କରିଥିଲେ। ଏହି ଅବସରରେ ପ୍ରତ୍ୟେକ ମସଜିଦ୍ ଇଦ୍‌ଗାରେ ଉପସ୍ଥିତ ଥିବା ମୁସଲମାନ ଭାଇମାନେ ନମାଜପାଠ ପରେ ପରସ୍ପରକୁ କରମର୍ଦ୍ଦନ ଓ ଆଲିଙ୍ଗନ କରି ଇଦ୍ ପର୍ବର ଅଭିନନ୍ଦନ ଜଣାଇଥିଲେ। ସେହିପରି ବିଭିନ୍ନ ମସଜିଦ ଓ ଗ୍ରାମରେ ବହୁ ସଂଖ୍ୟାରେ ହିନ୍ଦୁ ଭାଇମାନେ ପହଞ୍ଚି ମୁସଲମାନମାନଙ୍କୁ କରମର୍ଦ୍ଦନ କରି ଇଦ୍‌ର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ ପ୍ରାଚୀନ କାଳରୁ ଚାଲିଆସିଥିବା ହିନ୍ଦୁ-ମୁସଲମାନ ଭାଇଚାରାର ନିଦର୍ଶନକୁ ମଜଭୁତ କରିଥିଲେ। ଏହି ଅବସରରେ ବ୍ଲକ ଅଧୀନ ବିଭିନ୍ନ ମସ୍‌ଜିଦ ଓ ଇଦ୍‌ଗାରେ ବିଜେଡିର ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ସାମାଜିକକର୍ମୀ ଅଧ୍ୟାପକ ଅଜୟ କୁମାର ରାଉତ, ଭାଜପା ନେତା ତଥା ଡେରାବିଶ ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ବିଜେଡି ନେତା ସରୋଜକାନ୍ତ ନାୟକ, ତ୍ରିଲୋଚନ ରାଉତ, ଦିଲୀପ ଦାସ, ସତ୍ୟରଞ୍ଜନ ସାମଲ ପ୍ରମୁଖଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ନେତୃତ୍ୱମାନେ ପହଞ୍ଚି ଇଦ୍ ନମାଜ ପାଠ ପାଇଁ ଏକତ୍ରିତ ହୋଇଥିବା ମୁସଲମାନ ଭାଇମାନଙ୍କୁ ଭେଟି ଏହି ପବିତ୍ର ପର୍ବର ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ଆଇନ ଶୃଙ୍ଖଳା ରକ୍ଷା ପାଇଁ ବିଭିନ୍ନ ମସ୍‌ଜିଦ ଓ ଇଦ୍‌ଗାରେ ଡେରାବିଶ, ନିଆଳି ଓ କେନ୍ଦ୍ରାପଡ଼ା ସଦର ଥାନା ପକ୍ଷରୁ ପୋଲିସ ମୁତୟନ କରାଯାଇଥିଲା।



ଡେରାବିଶରେ ଇଦ୍ ପାଳନ କରାଯାଉଛି।

# କାଜୁ ଜଙ୍ଗଲରେ ଦୁର୍ବୃତ୍ତ ଲଗାଇଲେ ନିଆଁ

## ଗ୍ୟାସ୍ ଅଭାବରୁ ଜଙ୍ଗଲ ପ୍ରଭାବିତ

**ମହାକାଳପଡ଼ା,୨୧।୩(ପ୍ରତାପ ଚନ୍ଦ୍ର ସ୍ୱାଇଁ):**

ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ସଙ୍କଟରେ ପ୍ରାକୃତିକ ଗ୍ୟାସ୍ ଓ ତୈଳ ଯୋଗାଣ। ଫଳରେ ଜଙ୍ଗଲ ପ୍ରଭାବିତ ହେଉଛି। ଏହାର ପ୍ରଭାବ ସହରଠାରୁ ଗାଁ ପର୍ଯ୍ୟନ୍ତ ଦେଖିବାକୁ ମିଳୁଛି। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ରାମନଗର-ବାହାକୁଦ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା କାଜୁ ଜଙ୍ଗଲରେ ଶନିବାର ଦୁର୍ବୃତ୍ତମାନେ ନିଆଁ ଲଗାଇ ୧୦୦ରୁ ଅଧିକ ଗଛ ଜାଳି ଦେଇଛନ୍ତି। ନିଆଁ ଲିଭିଗଲା ପରେ ଉକ୍ତ ଗଛକୁ ହାଣି ଚୋରାରେ କୁଇଣ୍ଟାଲ ପିଛା ୫୦୦ରୁ ୭୦୦ ଟଙ୍କାରେ ବିକ୍ରି କରି ଭଲ ଦି'ପଇସା ରୋଜଗାର କରୁଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଦିନ ଦ୍ୱିପ୍ରହରରେ କାଠ ହାଣି ଚଡ଼ା ଦରରେ ବିକ୍ରି କରୁଛନ୍ତି।

ସୂଚନା ଅନୁସାରେ, ରାମନଗର କାଜୁ ଜଙ୍ଗଲରେ ୩୫୪ ଏକରରେ ୧୦ ହଜାର ଗଛ, ପିତାପାଟ କାଜୁ ଜଙ୍ଗଲରେ ୨୩୩ ଏକର ଜମିରେ ୫ ହଜାର ଗଛ ଓ ବାହାକୁଦ କାଜୁ ଜଙ୍ଗଲରେ ୧୮୨ ଏକର ଜମିରେ ୫ ହଜାର ଗଛ ୧୯୭୨-୭୩ରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ରୋପଣ କରାଯାଇଥିଲା। ଏହି କାଜୁ ଜଙ୍ଗଲ ସୁରକ୍ଷା ପାଇଁ ରାଜ୍ୟ କାଜୁ ନିଗମ ପରିଚାଳନା କରୁଛି। ଏଠାରେ ନିଗମ କର୍ମଚାରୀ ରହୁନାହାନ୍ତି। ଚଣ୍ଡିଖୋଲଠାରେ ନିଗମ ଆଞ୍ଚଳିକ କାର୍ଯ୍ୟାଳୟ ରହିଛି। ଏହାର ଫାଇଦା ଉଠାଉଛନ୍ତି ଅଧିକାଂଶ କାଠମାଫିଆ। ଜଙ୍ଗଲରେ ଶତାଧିକ ଟ୍ରିପ୍ ବାଲି ଚାଲାଣ ଟ୍ରାକ୍ଟର ଯୋଗେ କରୁଛନ୍ତି। ଅପରପକ୍ଷରେ ଏହି କାଜୁ ଜଙ୍ଗଲରେ ବହୁ ସଂଖ୍ୟାରେ ୧୦୦ ଏକର ଜମି ଜବରଦଖଲ କରି ବାସଗୃହ ନିର୍ମାଣ କରି ବସବାସ କରୁଥିବା କୁହାଯାଉଛି। ଉପକୂଳ ଅଞ୍ଚଳରେ ୧୯୭୧ରେ ଭୟଙ୍କର ସାମୁଦ୍ରିକ ଝଡ଼ବାତ୍ୟା ପ୍ରଭାବିତ ହୋଇଥିଲା। ପରେ ଏହି ରାମନଗର ଅଞ୍ଚଳରେ ରାଜ୍ୟ ସରକାରଙ୍କ ପକ୍ଷରୁ ଅଞ୍ଚଳର ସୁରକ୍ଷା ପାଇଁ ସରକାରୀ ଜମିରେ କାଜୁ ଜଙ୍ଗଲ ଚାରାରୋପଣ କରାଯାଇଥିଲା ବୋଲି ପରିବେଶପ୍ରେମୀ ସୁବାସ ସ୍ୱାଇଁ କହିଛନ୍ତି। ଏ ସଂକ୍ରାନ୍ତରେ ତହସିଲଦାର ରବି ନାରାୟଣ ଆଚାର୍ଯ୍ୟଙ୍କ ମତାମତ ନେବାରେ ଘଟଣାର ତଦନ୍ତ ହେବ ବୋଲି କହିଛନ୍ତି।



ରାମନଗର-ବାହାକୁଦ ଗ୍ରାମ ମୁଖ୍ୟ ରାସ୍ତା ନିକଟରେ କାଜୁ ଜଙ୍ଗଲ ଜାଳି କାଠ ସଂଗ୍ରହ କରାଯାଉଛି।

# ଯକ୍ଷ୍ମାରୋଗୀ ଚିହ୍ନଟୀକରଣରେ କେନ୍ଦ୍ରାପଡ଼ା ରାଜ୍ୟରେ ପ୍ରଥମ

## ଜିଲା ସ୍ୱାସ୍ଥ୍ୟ ସମିତି ବୈଠକ

**କେନ୍ଦ୍ରାପଡ଼ା,୨୧।୩ (ଜଗନ୍ନାଥ ଧଳ):**

କେନ୍ଦ୍ରାପଡ଼ା ଜିଲାରେ ୨୦୨୫ରେ ନାଟ ମେଶିନ ମାଧ୍ୟମରେ ମୋଟ ୬୭,୧୮୯ ଜଣଙ୍କ ସାମ୍ପଲ ପରୀକ୍ଷା ହୋଇଥିଲା। ଏହି ସଂଖ୍ୟକ ପରୀକ୍ଷା ରାଜ୍ୟର ଅନ୍ୟ ଜିଲା ତୁଳନାରେ ଯଥେଷ୍ଟ ଅଧିକ। ପରୀକ୍ଷା ପରେ ୪୪୫ ଯକ୍ଷ୍ମାରୋଗୀଙ୍କୁ ଚିହ୍ନଟ ପରେ ଚିକିତ୍ସା କରାଯାଉଛି। ରାଜ୍ୟରେ ଯକ୍ଷ୍ମାରୋଗ ପାଇଁ ସାମ୍ପଲ ପରୀକ୍ଷାରେ ପ୍ରଥମ ସ୍ଥାନ ଗ୍ରହଣ କରିଥିବାରୁ ଜିଲାପାଳ ରଘୁରାମ ଆର. ଆୟାର ସ୍ୱାସ୍ଥ୍ୟ ସେବାକାରୀଙ୍କୁ ଜିଲା ସ୍ୱାସ୍ଥ୍ୟ ସମିତି ବୈଠକରେ ଧନ୍ୟବାଦ ଜଣାଇଛନ୍ତି। ସହରର ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଜିଲା ସ୍ୱାସ୍ଥ୍ୟ ସମିତି ବୈଠକ ଶନିବାର ହୋଇଥିଲା। ଏଥିରେ ଜିଲାପାଳ ଆୟାର ଯୋଗଦେଇ ମାତୃ ସ୍ୱାସ୍ଥ୍ୟ, ପ୍ରଜନନ ହାର, ନବଜାତ ଶିଶୁଙ୍କ ଯତ୍ନ, ଶିଶୁ ଓ ମୃତ୍ୟୁ ହାର ଆଦି ସମ୍ପର୍କରେ ସମୀକ୍ଷା କରିଥିଲେ। ଏଥିସହିତ ଅମ୍ଳାନ, ଟିକାକରଣ, ପରିବାର ନିୟୋଜନ, ପିସିପିଏନ୍‌ଡିଟି କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଚଳିତବର୍ଷ ଆରମ୍ଭ ହୋଇଥିବା ଏଚ୍‌ପିଭି ଟିକାକରଣ ମାଧ୍ୟମରେ ଜରାୟୁ କର୍କଟ ପ୍ରତିରୋଧ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଫେବୃଆରୀ ମାସରେ ଆଳି, କେନ୍ଦ୍ରାପଡ଼ା ଓ ରାଜନଗର ବ୍ଲକ ଅଞ୍ଚଳରେ ଶିଶୁ ମୃତ୍ୟୁ ସମ୍ପର୍କରେ ସମୀକ୍ଷା ହୋଇଥିଲା। ଆଶା ଓ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ମମତା ଦିବସ ପାଇଁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଗର୍ଭବତୀଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟ ପରୀକ୍ଷା, ଔଷଧ ବିତରଣ ଓ ସେମାନଙ୍କ ସହ ସ୍ୱାସ୍ଥ୍ୟକର୍ମୀଙ୍କ ସହ ସମ୍ପର୍କ ରଖିବା ଓ ତଦାରଖ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହିତ ପୁଷ୍ଟି ପୁନର୍ବାସ କେନ୍ଦ୍ରରୁ ଫେରୁଥିବା ଶିଶୁଙ୍କ ପାଇଁ ଅତିରିକ୍ତ ଖାଦ୍ୟ ସହାୟତା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ସିଡିଏମ୍‌ଓ ଡା. ମନୋରଞ୍ଜନ ରାଉତ, ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ର, ଏଡିଏମଓ ଡା. ଶ୍ୟାମସୁନ୍ଦର ଗୁଡ୍ଡୁ, ଏଡିଏମ୍‌ଓ ଡା. କିଶୋର ଚନ୍ଦ୍ର ମିଶ୍ର, ପ୍ରଶାସନିକ ଅଧିକାରୀ ଦିଲୀପ କୁମାର ନାୟକ, ଡିପିଏମ୍ ଡା. ମନୋରଞ୍ଜନ ସାହୁ, ଡା. ସୁକାନ୍ତ କୁମାର ପ୍ରଧାନଙ୍କ ସହ ଜିଲାର ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀ ସାମିଲ ହୋଇଥିଲେ।



ବୈଠକରେ ଜିଲାପାଳ ଜଣଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ପାରାଦୀପ ବନ୍ଦରରେ ଇଡି

- ବନ୍ଦରର ଜଣେ ଅଧିକାରୀଙ୍କ ସମ୍ପର୍କରେ ତଥ୍ୟ ମାଗିଲା ଇଡି
- ନିଜ ପଦବୀର ଅପବ୍ୟବହାର କରି ବିଭିନ୍ନ ସଂସ୍ଥାକୁ ଅନୁକମ୍ପା ଦେଖାଇଥିଲେ
- ୧୦ କୋଟିରୁ ଊର୍ଦ୍ଧ୍ୱ ସରକାରୀ ସମ୍ପତ୍ତି ହରିଲୁଟ ଅଭିଯୋଗ

**ଭୁବନେଶ୍ୱର,୨୧।୩ (ତ୍ରିନାଥ ମହାନ୍ତି)**

ପାରାଦୀପ ପୋର୍ଟରେ ଏବେ ପଶିଛି ଇଡି। ପୋର୍ଟର ଟ୍ରାଫିକ୍ ବିଭାଗରେ ଚାକିରି କରୁଥିବା ଜଣେ ବଡ଼ ଅଧିକାରୀ ନିଜ ପଦବୀର ଅପବ୍ୟବହାର କରି ବିଭିନ୍ନ ସଂସ୍ଥାକୁ ଅନୁକମ୍ପା ଦେଖାଇ ଅର୍ଥ ହରିଲୁଟ କରିଥିବା ଅଭିଯୋଗ ହୋଇଛି। ପାଖାପାଖି ୧୦ କୋଟିରୁ ଊର୍ଦ୍ଧ୍ୱ ଠକେଇ ହୋଇଥିବା ନେଇ ପ୍ରଥମେ ଲୋକପାଳରେ ଅଭିଯୋଗ ହୋଇଥିଲା। ଲୋକପାଳଙ୍କ ପରାମର୍ଶ ଆଧାରରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଉକ୍ତ ଅଧିକାରୀଙ୍କ ସମ୍ପର୍କରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କଠାରୁ ତଥ୍ୟ ମାଗିଥିବା ଜଣାପଡ଼ିଛି। ସେ କେବେଠୁ ପାରାଦୀପରେ ଚାକିରି କରିବା ସହ କେତେ ଦରମା ପାଉଥିଲେ। ସରକାରଙ୍କୁ ପ୍ରତିବର୍ଷ ଦେଉଥିବା ସମ୍ପତ୍ତି ତାଲିକା ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଇଡି ମାଗିଥିବା ସୂଚନା ମିଳିଛି। ସମସ୍ତ ତଥ୍ୟ ପାଇବା ପରେ ଖୁବ୍ ଶୀଘ୍ର ଇଡି ଚଢ଼ାଉ କରିବ ବୋଲି ଜଣାପଡ଼ିଛି।

ଅଧିକାରୀ ଜଣଙ୍କ ଉଚ୍ଚ ପଦବୀରେ ଥିବାରୁ ପରିଚାଳନା ଦାୟିତ୍ୱ ଆଳରେ ପାରାଦୀପ ବନ୍ଦର ସହିତ ଜଡ଼ିତ ବିଭିନ୍ନ ସଂସ୍ଥାଠାରୁ ବିପୁଳ ଅର୍ଥ ଆଦାୟ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ଲୋକପାଳରେ ଅଭିନାଶ ଗୁରୁ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଆଧାରରେ ଲୋକପାଳ ଏକ ମାମଲା କରି ଇଡିକୁ ତଦନ୍ତ କରିବାକୁ ପରାମର୍ଶ ଦେଇଥିଲେ। ଇଡି ଏହି ମାମଲାର ତଦନ୍ତ କରି ପାରାଦୀପ ପୋର୍ଟକୁ ଉକ୍ତ ଅଧିକାରୀଙ୍କ ତଥ୍ୟ ମାଗିଛି। ଉକ୍ତ ଅଧିକାରୀ ଜଣଙ୍କ କୁଜଙ୍ଗ ବାମଦେଇପୁର ଜେଏସ୍‌ଡବ୍ଲ୍ୟୁ କାରଖାନା ନିକଟରେ ୬.୧୧ ଏକର ଜମି କିଣିଥିବା ଜଣାପଡ଼ିଛି। ସାଧାରଣତଃ ଯେକୌଣସି ଶିଳ୍ପାନୁଷ୍ଠାନ ନିକଟସ୍ଥ ଜମିର ମୂଲ୍ୟ ଢେର୍ ଅଧିକ ରହିଥାଏ। ହେଲେ ଉକ୍ତ ଜମିକୁ ବଜାର ମୂଲ୍ୟ ଠାରୁ ଢେର କମ୍‌ରେ କିଣାଯାଇଥିବା ଅଭିଯୋଗ ହୋଇଛି। କେବଳ ଏହି ଗୋଟିଏ ସମ୍ପତ୍ତି ନୁହେଁ ନିକଟରେ ଏକାଧିକ ପ୍ଲଟ କିଣିଥିଲେ ମଧ୍ୟ ସରକାରୀଙ୍କୁ ସମ୍ପତ୍ତି ତାଲିକାରେ ଏହାକୁ ଦର୍ଶାଇ ନାହାନ୍ତି। ଉକ୍ତ ଅଧିକାରୀଙ୍କ ଭୁବନେଶ୍ୱର, କଟକ, ପୁରୀ ବ୍ୟତୀତ ଅନ୍ୟ କେତେକ ସହରରେ ବହୁତଳ କୋଠା, ବ୍ୟବସାୟିକ ପ୍ରତିଷ୍ଠାନ ଆଦି ରହିଛି। ମୁଖ୍ୟତଃ ବନ୍ଦର ବର୍ଥରେ ଜାହାଜକୁ ସଅଳ ପ୍ରବେଶ ଅନୁମତି ଏବଂ ଆଙ୍କରିଂ ପ୍ରଦାନ ଆଳରେ ଅଧିକାରୀ ଜଣଙ୍କ ଅର୍ଥ ଆଦାୟ କରୁଥିବା ଅଭିଯୋଗ ହୋଇଛି। ଏନେଇ ପୋର୍ଟର ସଚିବ କେ.ବାପି ରାଜୁ କହିଛନ୍ତି, ଜଣେ ବ୍ୟକ୍ତିଙ୍କ ବିରୋଧରେ ଇଡି ତଥ୍ୟ ମାଗିଛି। ପୋର୍ଟରେ କୌଣସି ଦୁର୍ନୀତି ସମ୍ପର୍କିତ ନୁହେଁ। ସମ୍ପୃକ୍ତ ବ୍ୟକ୍ତିଙ୍କ ସମ୍ପର୍କରେ ଇଡି ତଦନ୍ତ କରୁଥିବାରୁ କିଛି କହି ହେବ ନାହିଁ ବୋଲି ସେ କହିଛନ୍ତି।

# ୨ ବାଇକ୍ ମୁହାଁମୁହିଁ ଧକ୍କା : ୩ ଗୁରୁତର

**ଆଳି, ୨୧।୩(ବନମାଳୀ ସେନାପତି )**

କେନ୍ଦ୍ରାପଡ଼ା ଜିଲା ଆଳିରୁ ମହୁକୁ ଯାଇଥିବା ରାସ୍ତାରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୩ ଯୁବକ ଗୁରୁତର ହୋଇଥିବା ଜଣାପଡ଼ିଛି। ଅରେହିକଣା ଗ୍ରାମର ବିଭୁଦତ୍ତ ସେଠୀ(୧୮ )ଓ ଗଭାଡ଼ିଆ ଗ୍ରାମର ସୌରଭ ସ୍ୱାଇଁ(୩୧) ମହୁ ପଟରୁ ଆଳି ଆଡ଼କୁ ଆସୁଥିବା ବେଳେ ଆଳିରୁ ମହୁ ଆଡ଼କୁ ଯାଉଥିବା ବିଜୟନଗର ଗ୍ରାମର ଅବିନାଶ ବଳ (୨୬)ଙ୍କ ବାଇକ୍ ସହିତ କୋଚିଳା ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣା ପରେ ଯୁବକମାନେ କ୍ଷତାକ୍ତ ଅବସ୍ଥାରେ ପଡ଼ିଥିବା ବେଳେ ସ୍ୱାସ୍ଥ୍ୟକର୍ମୀ ସୁଶାନ୍ତ ତରାଇ ଖବର ପାଇ ସେଠାରେ ପହଞ୍ଚି ପ୍ରାଥମିକ ଚିକିତ୍ସା ଯୋଗାଇ ଦେବା ସହ ଆମ୍ବୁଲାନ୍ସ ଡାକି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ।

# ୩ କୁଇଣ୍ଟାଲ ଗୋମାଂସ ଜବତ: ୨ ଗିରଫ

**ଜଗତ୍‌ସିଂହପୁର, ୨୧।୩ (ପ୍ରମୋଦ କୁମାର ନାୟକ)**

ଜଗତସିଂହପୁର ଥାନା ତରିକୁନ୍ଦ ନୂଆଦାରୁ ଶନିବାର ୩ କୁଇଣ୍ଟାଲ ଗୋମାଂସ ଜବତ କରାଯାଇଛି। ଏହି ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ନୂଆଦାର ସେକ୍ ଇସାକ୍ ଅଲ୍ଲୀ ଓ ତାଙ୍କ ପୁଅ ସେକ୍ ଇମ୍ରାନ୍ ଅଲ୍ଲୀ। ଏନେଇ ଜଗତ୍‌ସିଂହପୁର ଥାନାରେ ମାମଲା (ନଂ.୨୬୬/୨୬) ରୁଜୁ ହୋଇଛି। ଉଭୟ ଅଭିଯୁକ୍ତ ଘର ପଛପଟେ ଗୋରୁ ହତ୍ୟା କରି ବିକ୍ରି କରୁଥିଲେ। ବିଶେଷ ସୂତ୍ରରୁ ଖବରପାଇ ପୋଲିସ ଚଢ଼ାଉ କରି ଜବତ କରିବାକୁ ସମର୍ଥ ହୋଇଥିବା ଆଇଆଇସି ସରୋଜକାନ୍ତ ସାମଲ କହିଛନ୍ତି।

# ଶିଶୁ ସୁରକ୍ଷା ସଦସ୍ୟାଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ୨ ଗିରଫ

## ସଖୀ ବଟ ବାଲ୍ୟବିବାହ ଘଟଣା

**ମାର୍ଶାଘାଇ, ୨୧।୩ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ):**

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ସଖିବଟ ମନ୍ଦିର ପରିସରରେ ଚଳିତ ମାସ ୫ତାରିଖରେ ଘଟିଥିବା ଏକ ନାବାଳିକା ବିବାହ ଘଟଣାକୁ କେନ୍ଦ୍ର କରି ଶିଶୁ ସୁରକ୍ଷା କମିଟି ସଦସ୍ୟାଙ୍କ ଉପରେ ଦୁର୍ବ୍ୟବହାର ଏବଂ ଆକ୍ରମଣ ଘଟଣାରେ କୁଦାନଗରୀ ପୋଲିସ ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ନାବାଳିକାଙ୍କ ମା' ମାର୍ଶାଘାଇ ଅଞ୍ଚଳର ମମତା ବେହେରା ଓ ମାମୁ ମହାକାଳପଡ଼ା ଅଞ୍ଚଳର ଅଭୟ ବେହେରା।

ସୂଚନାଯୋଗ୍ୟ, ଚଳିତ ମାସ ୫ ତାରିଖ ଦିନ ସଖୀବଟ ପରିସରରେ ଏକ ନାବାଳିକା କନ୍ୟା ବିବାହ ହେଉଥିବା ଖବରପାଇ ଜିଲା ଶିଶୁ ସୁରକ୍ଷା କମିଟି ସଦସ୍ୟା ଏବଂ ମାର୍ଶାଘାଇ ସିଡିପିଓ ଶୈଳବାଳା ଚାଷୀ ମିଳିତ ଭାବେ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ କନ୍ୟାଙ୍କ ବୟସ ସମ୍ପର୍କରେ ସନ୍ଦେହ ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ପରିଚୟ ପତ୍ରରେ ବୟସ ଜାଲିଆତି କରାଯାଇଥିବା ସହ କନ୍ୟାଙ୍କ ପ୍ରକୃତ ବୟସ ୧୬ ବର୍ଷ ବୋଲି ପ୍ରମାଣିତ ହୋଇଥିଲା। ବାଲ୍ୟ ବିବାହକୁ ରୋକିବା ପାଇଁ ଟିମ୍ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଥିବା ବେଳେ କନ୍ୟାଙ୍କ ମା',ମାମୁ ଏବଂ କେତେକ ସମ୍ପର୍କୀୟ ଅସଭ୍ୟ ଭାଷା ବ୍ୟବହାର କରି ଟିମ୍ ସଦସ୍ୟାମାନଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏ ନେଇ କୁଦାନଗରୀ ଥାନାରେ ସଦସ୍ୟାମାନେ ଅଭିଯୋଗ କରିଥିଲେ ।

# କୃତ୍ରିମ ବୁଦ୍ଧିମତ୍ତା ପ୍ରୟୋଗ ଦ୍ୱାରା ଶିକ୍ଷା କ୍ଷେତ୍ରରେ ନୂତନ ଯୁଗର ଅଭ୍ୟୁଦୟ ହେବ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

## ଗ୍ଲୋବାଲ ବ୍ରିଲିଆଣ୍ଟ ସ୍କୁଲର ବାର୍ଷିକ ଉତ୍ସବ

**ପଟ୍ଟାମୁଣ୍ଡାଇ,୨୧।୩ (କଳ୍ପତରୁ ନାୟକ)**

ଜ୍ଞାନର ବିସ୍ଫୋରଣ ଓ ଶିକ୍ଷା ଉପରେ ଜଗତୀକରଣର ପ୍ରଭାବ ଛାତ୍ରୀଛାତ୍ରଙ୍କୁ ପ୍ରତିଯୋଗିତା ସମ୍ପର୍ଣ୍ଣ ହେବାକୁ ଉତ୍ସାହିତ କରିଛି। ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଁ ଦୃଢ ଇଚ୍ଛାଶକ୍ତି ଓ କଠୋର ସାଧାନା ଛାତ୍ରୀଛାତ୍ରଙ୍କ ପକ୍ଷରେ ଅପରିହାର୍ଯ୍ୟ ହୋଇପଡିଛି । ପୁନଶ୍ଚ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ଦ୍ୱାର ଶିକ୍ଷା କ୍ଷେତ୍ରରେ ଏକ ନୂତନଯୁଗର ଅଭ୍ୟୁଦୟ ହେବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ପଟ୍ଟାମୁଣ୍ଡାଇ ଅଞ୍ଚଳର ଅଗ୍ରଣୀ ଇଂଲିଶ ମାଧ୍ୟମ ବିଦ୍ୟାଳୟ ଗ୍ଲୋବାଲ ବ୍ରିଲିଆଣ୍ଟ ସ୍କୁଲର କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କ ପାଇଁ ଉଦିଷ୍ଟ ପାଠ୍ୟକ୍ରମ ଆବଶ୍ୟକ ପରିବର୍ତ୍ତନ ଆଣିବାର ପ୍ରୟାଶରେ ଅଛନ୍ତି ବୋଲି ଗ୍ଲୋରି ଫେଷ୍ଟ -୨୦୨୬ରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଦାଶରଥି ଶତପଥୀ କହିଛନ୍ତି। ସେ କହିଥିଲେ ମାତାପିତା ପିଲାମାନଙ୍କ ରୋଲମଡେଲ। ଜଣେ ଶିକ୍ଷାର୍ଥୀଙ୍କୁ ଉତ୍ତମ ନାଗରିକ କରି ଗଢିବା କ୍ଷେତ୍ରରେ ମାତାପିତାଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗୁଣାତ୍ମକ ଶିକ୍ଷାର ବିକାଶ କ୍ଷେତ୍ରରେ ଛାତ୍ରୀଛାତ୍ରମାନେ ନିଜର ଦୁର୍ବଳତାକୁ ଶକ୍ତିରେ ପରିଣତ କଲେ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବେ ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ପଣ୍ଡିତ ହୃଷୀକେଶ ରଥ ପିଲାମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ଚିହ୍ନଟ କରି ସେ ଦିଗରେ ବିକଶିତ କରିବାକୁ ଶିକ୍ଷୟିତ୍ରୀଶିକ୍ଷକ ଓ ଅଭିଭାବକଙ୍କୁ ପରାମର୍ଶ ଦେବା ସହିତ ପିଲାମାନେ ଉଚ୍ଚଶିକ୍ଷିତ ହେବାକୁ ହେଲେ ମାତାପିତାଙ୍କ ଆର୍ଶୀବାଦ ଅପରିହାର୍ଯ୍ୟ ବୋଲି କହି ସ୍କୁଲର ଉଲ୍ଲେଖନୀୟ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ସ୍କୁଲର ନିର୍ଦ୍ଦେଶକ ଇଂ ଦେବବ୍ରତ ସ୍ୱାଇଁ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହିତ ଏହାକୁ ଏକ ଆଦର୍ଶ ମଡେଲ ସ୍କୁଲରେ ପରିଣତ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅଧ୍ୟକ୍ଷ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉତ୍ସବରେ ପରିଚାଳନା କମିଟି ଅଧ୍ୟକ୍ଷ ଡା ଗୋଲକ ବିହାରୀ ସ୍ୱାଇଁ, ସଭାପତି ରାଜଲକ୍ଷ୍ମୀ ସ୍ୱାଇଁ ଓ ବ୍ରଜବନ୍ଧୁ ଧଳ, ପରିଚାଳନା କମିଟି ସଭ୍ୟ ଆଇନଜୀବୀ ସୌମ୍ୟ ରଞ୍ଜନ ଧଳ ପ୍ରମୁଖ ଯୋଗ ଦେଇଥିଲେ।

# ପଟ୍ଟାମୁଣ୍ଡାଇ ଅଞ୍ଚଳକୁ ବହୁ ପରିମାଣରେ ଚୋରା ଲଘୁ ଖଣିଜ ଚାଲାଣ

- ବାଲି ଚାଲଣ ଯୋଗୁ ଚାଷକାର୍ଯ୍ୟ ବ୍ୟାହତ
- ଧରା ହେଲେଣି ୨୦ ବେଆଇନ ପଥର ଗାଡ଼ି

**ପଟ୍ଟାମୁଣ୍ଡାଇ,୨୧।୩(କଳ୍ପତରୁ ନାୟକ):**



ବେଆଇନ୍ ଲଘୁ ଖଣିଜ ଚାଲାଣ ଉପରେ ସରକାର କଟକଣା ଲଗାଇଛନ୍ତି। ଚାଲାଣକୁ ପ୍ରତିହତ କରିବା ପାଇଁ ଜିଲା ସମୀକ୍ଷା ବୈଠକରେ ନିଷ୍ପତି ନିଆଯାଇ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି। ହେଲେ ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଭିନ୍ନ ରାସ୍ତାରେ ରାତିଦିନ ବେଆଇନ୍ ବାଲି, ଗୋଡି, ପଥର, ମୋରମ ଆଦି ପଡୋଶି ଜିଲାମାନଙ୍କରୁ ବହୁ ପରିମାଣରେ ଚୋରା ଚାଲାଣ ହେଉଥିବା ଦେଖିବାକୁ ମିଳୁଛି । ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଭିନ୍ନ ନଦୀର ମାଟିବାଲିଘାଟକୁ ମାଫିଆମାନେ ନିଜ କବ୍‌ଜାକୁ ନେଇ ଚାଲାଣ କରୁଛନ୍ତି। ଯାହାକୁ ନେଇ ସ୍ଥାନୀୟ ପୋଲିସ ବକ୍ତାରପୁରଠାରେ କେତୋଟି ପଥର ବୋଝେଇ ହାଇୱାକୁ ଅଟକ ରଖିଥିବା ଦେଖାଯାଇଛି । ଏକାଧିକ ଗାଡି ରାତିରେ ଖସି ପଳାଇ ଯାଉଛନ୍ତି। ଏଭଳି ଘଟଣା ସମ୍ପର୍କରେ ବିରୋଧୀ ଦଳ ସଦସ୍ୟମାନେ ଅନେକ ସମୟରେ ବିଧାନସଭାରେ ଉଦ୍‌ବେଗ ପ୍ରକାଶ କରିଆସିଛନ୍ତି। ହେଲେ କେତେକ ଲାଞ୍ଚଖୋର ଅଧିକାରୀ ଏହା ଉପରେ ପଦକ୍ଷେପ ନ ନେଇ ସେମାନଙ୍କୁ ପ୍ରୋତ୍ସାହନ କରୁଥିବା ଅଭିଯୋଗ ହୋଇଆସୁଛି। ସାମାଜିକକର୍ମୀ ପ୍ରବୀର ନାୟକ କୁହନ୍ତି, ରାଜ୍ୟ ସରକାର ଲଘୁ ଖଣିଜ ପଦାର୍ଥ ଚୋରିକୁ ସେତେଟା ଗୁରୁତ୍ୱ ଦେଉ ନ ଥିବାରୁ ବାଲି, ଗୋଡି, ମୋରମ, ପଥର ଭଳି ଖଣିଜ ପଦାର୍ଥର ଚୋରା ଚାଲାଣକାରୀଙ୍କ ପାର୍ଦ୍ଦୁର୍ଭାବ ବଢିବାରେ ଲାଗିଛି। ଯାଜପୁର, କେଉଁଝର ଜିଲା ଭଳି କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇରେ ମଦ୍ୟ ଲଘୁ ଖଣିଜ ଚୋରା ଚାଲାଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରତିଦିନ ରାତିରେ ମାଲମାଲ ହାଇୱାରେ ବାଲି ଚୋରା ଚାଲାଣ ହେଉଛି।

ଯୁବସଂଗଠକ ଅଜିତ ରାଉତ କୁହନ୍ତି, ପଡୋଶି ଜିଲା ଯାଜପୁର, କେଉଁଝରରୁ ଗୋଡି, ମୋରମ, ପଥର ଭଳି ଖଣିଜ ପଦାର୍ଥ ବହୁ ମାତ୍ରାରେ କେନ୍ଦ୍ରାପଡା ଆଉ ପଟ୍ଟାମୁଣ୍ଡାଇ ବଜାର ଦେଇ ରାଜନଗର, ଆଳି, ମହାକାଳପଡା ଅଞ୍ଚଳକୁ ଶହଶହ ହାଇୱା ଯିବାଆସିବା କରୁଛି। ସେହିପରି ପଟ୍ଟାମୁଣ୍ଡାଇ ବ୍ରାହ୍ମଣୀ ନଦୀରୁ ମଧ୍ୟ ଶହଶହ ବାଲି ବୋଝେଇ ଗାଡି ଚାଲାଣ କରାଯାଉଛି । ହେଲେ ଲଘୁ ଖଣିଜ ବିଭାଗ ଓ ପୋଲିସ ଏମାନଙ୍କ ଉପରେ କର୍ଯ୍ୟାନୁଷ୍ଠାନ ନେଇପାରୁ ନ ଥିବାରୁ ସରକାର ରାଜସ୍ୱ ହରାଉଥିବା ବେଳେ କେତେକ ଲାଞ୍ଚଖୋର ଅଧିକାରୀ ଓ ଖଣି ମାଫିଆ ମାଲେମାଲ ହେଉଛନ୍ତି।

ଆଇନଜୀବୀ ବିଦ୍ୟୁଭୂଷଣ ମହାପାତ୍ର କୁହନ୍ତି, ପୂର୍ବରୁ ଏହି ଚୋରାଚାଲାଣ ରୋକିବାକୁ ତହସିଲ ପ୍ରଶାସନ ହାତରେ କ୍ଷମତା ଥିଲା। ମାତ୍ର ୨୦୨୩ରୁ ସରକାର ଲଘୁ ଖଣିଜ ବିଭାଗକୁ ଏହି ଦାୟିତ୍ୱ ଦେଇଛନ୍ତି। ଏହି ବିଭାଗ ଅଧିକାରୀଙ୍କ ସୀମିତ କ୍ଷମତା ଥିବାରୁ ମାଫିଆମାନଙ୍କ ପାଇଁ ଏହି ବିଭାଗ କାଗଜ ବାଘ ସଦୃଶ ହୋଇଛି। ଯାହାକୁ ନେଇ ଗତ ଅଢେଇ ବର୍ଷ ମଧ୍ୟରେ ଯେଉଁ ପରିମାଣରେ ଲଘୁ ଖଣିଜ ଦ୍ରବ୍ୟ ଲୁଟ୍ ହୋଇଛି ସେସବୁ ହିସାବକୁ ନେଲେ ପରବର୍ତ୍ତୀ ପିଢ଼ିଙ୍କ ପାଇଁ ସେହି ସାମଗ୍ରୀ ଆଉ ମିଳିବ ନାହିଁ ବୋଲି ମତପ୍ରକାଶ ପାଇଛି। ବୁଦ୍ଧିଜୀବୀ ପ୍ରଫୁଲ୍ଲ ଦାଶ କୁହନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଅନେକ ବାଲିଘାଟ ସଇରାତରୁ ଲଘୁ ଖଣିଜ ଦ୍ରବ୍ୟ ଲୁଟ୍‌କାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବଦଳରେ ଅନୁକମ୍ପା ପ୍ରଦର୍ଶନ ହେଉଛି। ଫଳରେ ସରକାର ବିପୁଳ ପରିମାଣର ରାଜସ୍ୱ ହରାଉଥିବା ପ୍ରମାଣିତ ହେଉଛି। ସେହିଭଳି ନଦୀ ବାଲି ଖନନ ଯୋଗୁ ଚାଷକାର୍ଯ୍ୟରେ ବାଧା ଉପୁଜୁଛି । ବାଲି ଗାଡି ଚଳାଚଳ ଯୋଗୁ ବାଲି ଉଡି ବିଲବାଡି ପରିବା ଚାଷ ଜମିରେ ପରଦା ବସିଯିବା ସହିତ ଫସଲ ହାନି ହେଉଛି । ଘରଦ୍ୱାର ସାମଗ୍ରୀ ଉପରେ ମାଟି ବସିଯାଇ ଖରାପ ହୋଇଯାଉଛି । ବହୁ ମାତ୍ରାରେ ନଦୀ ଖନନ ଯୋଗୁ ପରବର୍ତ୍ତୀ ପିଢ଼ିଙ୍କ ପାଇଁ ଚାଷ କାର୍ଯ୍ୟ ସହ ନଦୀଜଳ ବନ୍ୟାଜଳର ପ୍ରଭାବିତ କରିବା ସହ ଭବିଷ୍ୟାତ ଚନ୍ତାଜନକ ହବାନେଇ ଅମୃତମଣୋହି ଲୋକେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ ଓ ଅଭିଯୋଗ କରିଆସୁଛନ୍ତି।

ଜଣେ ଖଣି ବିଭାଗ ଅଧିକାରୀ ନିଜନାମ ନ କହି କହନ୍ତି, ଖଣି ବିଭାଗର ଅଧିକାରୀଙ୍କ ହାତରେ ମାଜିଷ୍ଟ୍ରେଟ୍ କ୍ଷମତା ନାହିଁ। ଚଢ଼ାଉ କରିବାକୁ ହେଲେ ପୋଲିସ ଓ ତହସିଲ ପ୍ରଶାସନର ସହଯୋଗ ନେବାକୁ ପଡୁଛି। ତେଣୁ ବହୁ ସମୟରେ ଚଢ଼ଉ ଖବର ପ୍ରଘଟ ହୋଇ ମାଫିଆମାନଙ୍କ ପାଖରେ ପହଞ୍ଚି ଯାଉଛି। ଏନେଇ ଖଣି ଅଧିକାରୀ ସମ୍ବିତ ସାହୁଙ୍କୁ ଯୋଗାଯୋଗ କରିବାରେ ଗତ କିଛି ଦିନ ଭିତରେ ୨୦ରୁ ଅଧିକ ପଥର ଗାଡି ଜବତ କରାଯାଇଛି। ଆଗକୁ ଏହି ଚଢାଉ ତ୍ୱରାନିତ କରାଯିବ ବୋଲି ସେ କହିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅନୀତା



@ ରଶ୍ମି



@ ସତ୍ୟ



@ ସୁବ୍ରତ



@ ବିନି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସର୍ଭେ, ସ୍ଥାନ ପରିଦର୍ଶନ କଲା ଆଇପିଏଲ୍ ଟେକ୍ନିକାଲ ଟିମ୍

ନୟାଗଡ଼,୨୧।୩(ଲୋକନାଥ ମିଶ୍ର)


ପରିଦର୍ଶନରେ ଯାଇଥିବା ଅଧିକାରୀମାନେ।

ନୟାଗଡ଼ରେ ନୂଆ ଚିନିକଳ ସ୍ଥାପନ ପାଇଁ ଇଣ୍ଡିଆନ୍ ପଟାସ୍ ଲିମିଟେଡ (ଆଇପିଏଲ୍)ର ଟେକ୍ନିକାଲ୍ ଟିମ୍ ନୟାଗଡ଼ ତହସିଲର ଗମେଇ ଓ ପାଣିପୋଇଲା ଅଞ୍ଚଳକୁ ଶନିବାର ପରିଦର୍ଶନ କରିଛନ୍ତି । ଆଇପିଏଲ୍ ଟିମ୍‌ର ସର୍ଭେ ଓ ସ୍ଥାନ ପରିଦର୍ଶନ ପରେ ନୟାଗଡ଼ରେ ନୂଆ ଚିନିକଳ ପାଇଁ ଆଶା ଉଜ୍ଜୀବିତ ହୋଇ ଦୀର୍ଘ ଦିନର ସ୍ୱପ୍ନ ପୂରଣ ହେବାକୁ ଯାଉଛି । ନୂଆ ଚିନିକଳ ପାଇଁ କ୍ଷେତ୍ର ପରିଦର୍ଶନ ଟିମ୍‌ରେ ଆଇପିଏଲର ଗ୍ରୁପ ଟେକନିକାଲ ହେଡ ମନୀଷ ଚନ୍ଦ୍ର ତ୍ୟାଗୀ ଓ ଇଷ୍ଟ ଜୋନର ଡେପୁଟି ଜେନେରାଲ ମ୍ୟାନେଜର ସଞ୍ଜୀବ ଚନ୍ଦ୍ର ସିହ୍ନା ପ୍ରମୁଖ ଦୁଇ ଅଧିକାରୀ, ଢେଙ୍କାନାଳ ଚିନିକଳ ଜେନେରାଲ ମ୍ୟାନେଜର, ରାଜ୍ୟ ସମବାୟ ବିଭାଗ ଅଧିକାରୀ, ପୁରୀ ଏମ୍‌ପି ସମ୍ବିତ୍ ପାତ୍ର ପ୍ରମୁଖ ସାମିଲ ଥିଲେ । ପରିଦର୍ଶନ ସମୟରେ ନୟାଗଡ଼ ଜିଲାପାଳ ମଧୁମିତା ରଥ, ଅତିରିକ୍ତ ଜିଲାପାଳ ରୋଜିନା ଦାସ ଓ ଉପଜିଲାପାଳ ଉପସ୍ଥିତ ଥିଲେ । ଜିଲା ପ୍ରଶାସନ ପକ୍ଷରୁ ପାଣିପୋଇଲା, ଗମେଇ, ଓଡଗାଁ ଓ ନୂଆଗାଁ ତହସିଲର ୩ଟି ସ୍ଥାନ ଏପରି ମୋଟରେ ୫ଟି ସ୍ଥାନ ଚୟନ ହୋଇଥିଲା ବେଳେ ଟେକନିକାଲ ଟିମ୍ ୨ଟି ସ୍ଥାନ ପରିଦର୍ଶନ କରିଛନ୍ତି। ଟେକ୍ନିକାଲ୍ ଟିମ ପ୍ରଥମେ ନୟାଗଡ଼ ଆସିବା ପରେ ଜିଲା ପ୍ରଶାସନ ସହ ଜିଲାପାଳଙ୍କ କାର୍ଯ୍ୟାଳୟରେ ପୁରୁଣା ଓ ନୂଆ ଚିନିକଳ ସମ୍ପର୍କରେ ଆଲୋଚନା କରି କ୍ଷେତ୍ର ପରିଦର୍ଶନ କରିଥିଲେ । ନୟାଗଡ଼ରେ ଶିଳ୍ପ ଖୋଲିବା ନେଇ ଗତ ମାର୍ଚ୍ଚ ୬ରେ କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା ଭୁବନେଶ୍ୱରଠାରେ ଘୋଷଣା କରିଥିଲେ। ଏପରିକି ଚିନି ଶିଳ୍ପ ଖୋଲିବା ନେଇ ଇଣ୍ଡିଆନ୍ ପଟାସ୍ ଲିମିଟେଡକୁ ଦାୟିତ୍ୱ ଦିଆଯାଇଛି ବୋଲି ସ୍ପଷ୍ଟ କରିଥିଲେ। କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀଙ୍କର ଘୋଷଣାର କେଇ ଦିନ ପରେ ଶନିବାର ନୟାଗଡ଼କୁ ଇଣ୍ଡିଆନ୍ ପଟାସ୍ ଲିମିଟେଡର ଏକ ଟେକ୍ନିକାଲ୍ ଟିମ୍ ନୟାଗଡ଼ରେ ଚିନିକଳ ପରିଦର୍ଶନରେ ଆସିଥିଲେ।

- ନୟାଗଡ଼ରେ ଚିନିକଳ ଆଶା ହେଲା ଉଜ୍ଜୀବିତ
- ୫ ସ୍ଥାନରୁ ୨ଟି ସ୍ଥାନ କଲେ ପରିଦର୍ଶନ
- ଜିଲାପାଳଙ୍କ କାର୍ଯ୍ୟାଳୟରେ ଆଲୋଚନା ପରେ କ୍ଷେତ୍ର ପରିଦର୍ଶନ

ପ୍ରକାଶଯେ, ୧୯୯୨ରେ ପାଣିପୋଇଲା ଠାରେ ୧୪୩ ଏକର ଜମିରେ ଚିନିକଳ ସ୍ଥାପିତ ହୋଇଥିଲା। ରାଜ୍ୟ ସରକାର ଚିନି ଶିଳ୍ପ ପାଇଁ ୧୭ କୋଟି ୩୭ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ନବେ ଦଶକର ପ୍ରଥମ ଭାଗରେ ସମବାୟ ବିଭାଗ ଓଡ଼ିଶା ସରକାର ଏହାର ପରିଚାଳନା ଭାର ନେଇଥିଲେ। ପରେ ୧୯୯୧ରୁ ୧୯୯୭-୯୮ ପର୍ଯ୍ୟନ୍ତ ଧରଣୀ ସୁଗାର ଲିମିଟେଡ ପରିଚାଳନା ଭାର ନେଇଥିଲା । ୧୯୯୮-୯୯ରୁ ୨୦୦୦ ପର୍ଯ୍ୟନ୍ତ ପୁଣି ସମବାୟ ବିଭାଗ ଓଡ଼ିଶା ସରକାର ପରିଚାଳନା ଭାର ନେଇଥିଲେ। ୨୦୦୦ରୁ ୨୦୦୩-୦୪ ପର୍ଯ୍ୟନ୍ତ ଚିନିକଳରେ ତାଲା ଝୁଲିଥିଲା । ୨୦୦୪-୦୫ରୁ ନୟାଗଡ଼ ସୁଗାର କମ୍ପ୍ଲେକ୍ସ ଲିମିଟେଡ ଏହାର ପରିଚାଳନା ଭାର ନେଲା । ପରେ ନୟାଗଡ଼ ସମବାୟ ଚିନିଶିଳ୍ପକୁ ୫ କୋଟି ୨୨ ଲକ୍ଷ ଟଙ୍କାରେ ସେଲ୍ ଆଣ୍ଡ ପରଚେସ୍ ଏଗ୍ରିମେଣ୍ଟ ଦ୍ୱାରା ସୁଗାର କମ୍ପ୍ଲେକ୍ସ ଲିମିଟେଡକୁ ୨୦।୬।୦୪ରେ ହସ୍ତାନ୍ତର କରାଯାଇଥିଲା । ତେବେ ୨୦୧୪ ଶେଷ ସମୟରେ ଚିନିଶିଳ୍ପରେ ତାଲା ଝୁଲିଥିଲା । ଏନେଇ ନୟାଗଡ଼ ଅତିରିକ୍ତ ଜିଲାପାଳ ରୋଜିନା ଦାସ କୁହନ୍ତି, ଜିଲା ପ୍ରଶାସନ ପକ୍ଷରୁ ଚିନିକଳ ପାଇଁ ୫ଟି ସ୍ଥାନ ଚିହ୍ନଟ ହୋଇଥିବାବେଳେ ଟେକ୍ନିକାଲ୍ ଟିମ୍ କେବଳ ତହସିଲର ପାଣିପୋଇଲା ଓ ଗମେଇ ଅଞ୍ଚଳ ପରିଦର୍ଶନ କରି ଫେରିଛନ୍ତି । ପାଣିପୋଇଲାରେ ୭୦ ଏକର ଜମି ଥିବାବେଳେ ଗମେଇରେ ୪୦ ଏକର ଜମି ରହିଛି । ଟେକ୍ନିକାଲ୍ ଟିମ ପକ୍ଷରୁ ଚିନିକଳ ସ୍ଥାପନ ନେଇ ପ୍ରସ୍ତାବ ଆସିବା ପରେ ପ୍ରଶାସନ ପକ୍ଷରୁ ପାରାମିଟର ଫିଲପ କରି ରିପୋର୍ଟ ଦେବେ ବୋଲି କହିଛନ୍ତି । ପୁରୀ ଏମ୍‌ପି ସମ୍ବିତ୍ ପାତ୍ର କହିଛନ୍ତି, ଚିନିକଳ ନେଇ ରାଜନୀତି ନୁହେଁ, କର୍ମନୀତି କରିବା ଦରକାର। ଚିନିକଳ ନେଇ ମୁଁ ନିର୍ବାଚନ ପୂର୍ବରୁ ପ୍ରତିଶୃତି ଦେଇଥିଲି । ୧୦୦ ଦିନ ଭିତରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ବୈଠକ କରାଇ ମୂଳ ଢ଼ାଞ୍ଚା ପ୍ରସ୍ତୁତ କରିଥିଲୁ । ବିଭାଗୀୟ କେନ୍ଦ୍ର ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲୁ। କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ୍ ଶାହାଙ୍କର ନିର୍ଦ୍ଦେଶନା ଓ ପରାମର୍ଶରେ ସମବାୟ ମନ୍ତ୍ରଣାଳୟ ଅଧିନରେ କାର୍ଯ୍ୟରତ ଆଇପିଏଲ୍ ଟିମ୍ ଶନିବାର ନୟାଗଡ଼ରେ ପହଞ୍ଚି ଜିଲାରେ ପ୍ରସ୍ତାବିତ ଚିନିଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରକ୍ରିୟାଗୁଡିକ ଆଗକୁ ବଢ଼ାଇଛନ୍ତି। ଏ ଅବସରରେ ଆଇପିଏଲର ଅଧିକାରୀମାନେ ଜିଲା ପ୍ରଶାସନ ସହ ଏକ ବୈଠକ କରାଇଥିଲେ । ଏଥିରେ ଚିନିକଳ ପାଇଁ ଉପଯୁକ୍ତ ସ୍ଥାନ ଚିହ୍ନଟ, ଜମି ଅଧିଗ୍ରହଣ ପ୍ରକିୟା, ଆବଶ୍ୟକ ପ୍ରଶାସନିକ ଓ ପ୍ରାଯୁକ୍ତିକ ବ୍ୟବସ୍ଥାଗୁଡିକ ଉପରେ ଆଲୋଚନା ହୋଇଥିଲା । ବୈଠକ ପରେ ଆଇପିଏଲର ବରିଷ୍ଠ ଅଧିକାରୀ ଓ ପ୍ରଶାସନିକ ଟିମ୍ ସମ୍ଭାବ୍ୟ ସ୍ଥଳ ବୁଲି ଦେଖିଥିଲେ । ନୟାଗଡ଼ରେ ଚିନିକଳ ସ୍ଥାପନ କେବଳ ଅଞ୍ଚଳର ଶିଳ୍ପ ଉନ୍ନତିକୁ ନୂଆ ଦିଗ ଦେବ ନାହିଁ ବରଂ ସ୍ଥାନୀୟ ଚାଷୀ, ଯୁବକ, ସାଧାରଣ ନାଗରିକଙ୍କ ପାଇଁ ନୂତନ ରୋଜଗାର ସୃଷ୍ଟି କରାଇବ। ଅନ୍ୟପକ୍ଷେ ଅଞ୍ଚଳର ଆର୍ଥିକ ସମୃଦ୍ଧି, ଆତ୍ମ ନିର୍ଭରତା ଓ ସମଗ୍ରିକ ଉନ୍ନତି ପାଇଁ ଗୁରୁତ୍ୱପୂର୍ଣ୍ଣ ମାଇଲ ଷ୍ଟୋନ ହେବ। ଅପରପକ୍ଷେ କହିଥିଲେ ପୁରୁଣା ଚିନିକଳର ୫ହଜାର କୋଟି ଟଙ୍କା ବକେୟା ସମ୍ପର୍କରେ ସୁପ୍ରିମ କୋର୍ଟରେ ବିଚାରାଧୀନ ରହିଛି । ଏଣୁ ପୁରୁଣା ଚିନିକଳ ପୁନରୁଦ୍ଧାର କରାନଯାଇ ନୂଆ ଚିନିକଳକୁ ପ୍ରାଧାନ୍ୟ ଦିଆ ଯାଇଛି ବୋଲି କହିଥିଲେ। ଆଇପିଏଲର ଗ୍ରୁପ୍ ଟେକନିକାଲ ହେଡ ମନୀଷ ଚନ୍ଦ୍ର ତ୍ୟାଗୀ ଓ ଇଷ୍ଟ ଜୋନର ଡେପୁଟି ଜେନେରାଲ ମ୍ୟାନେଜର ସଞ୍ଜୀବ ଚନ୍ଦ୍ର ସିହ୍ନା କୁହନ୍ତି, ରାଜ୍ୟ ସରକାରଙ୍କ ନିମନ୍ତ୍ରଣ କ୍ରମେ ନୟାଗଡ଼ରେ ଚିନିକଳ ନେଇ ଜିଲା ପ୍ରଶାସନ ସହ ବୈଠକ କରାଇ ଆଲୋଚନା କଲୁ । ଆଲୋଚନା ପରେ ଦୁଇଟି ସ୍ଥାନ ପରିଦର୍ଶନ କରି ଫେରିଛୁ । କେଉଁ ସ୍ଥାନରେ ଚିନିକଳ କରାଗଲେ ଟେକ୍ନିକାଲ ଫିଜିବିଲିଟ୍ ମିଳିବ ସେନେଇ ଅନୁଧ୍ୟାନ କରିଛୁ । ଚିନିକଳ କିପରି ଶୀଘ୍ର ଆରମ୍ଭ ହେବ ସେନେଇ ପ୍ରକିୟା ଆରମ୍ଭ ହେଲା ବୋଲି କହିଛନ୍ତି ।




ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅନୀତା-


@ ରଶ୍ମି


@ ସତ୍ୟ


@ ସୁବ୍ରତ


@ ବିନି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପିଏମ୍‌ଶ୍ରୀ ନାରାୟଣ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଶିକ୍ଷାଭିତ୍ତିକ ପରିଦର୍ଶନ

ଶରଣକୁଳ,୨୧।୩(ଦୀପକ କର)

ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟସ୍ତରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରାଯିବା ସହିତ ବିଭିନ୍ନ ସ୍ଥାନକୁ ଯାଇ ପ୍ରତ୍ୟକ୍ଷ ଶିକ୍ଷା ଗ୍ରହଣ କରିବା ପାଇଁ ବ୍ୟବସ୍ଥା କରିଥିବା ବେଳେ ପିଏମଶ୍ରୀ ନାରାୟଣ ଉଚ୍ଚ ବିଦ୍ୟାଳୟ ଶରଣକୁଳର ଛାତ୍ରୀଛାତ୍ରମାନେ ଶୁକ୍ରବାର ଏହି ଶିକ୍ଷାଭିତ୍ତିକ ପରିଭ୍ରମଣ କରିଛନ୍ତି । ପ୍ରଧାନ ଶିକ୍ଷକ ରଶ୍ମି ରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଷଷ୍ଠରୁ ଦଶମ ଶ୍ରେଣୀ ମଧ୍ୟରେ ପଢୁଥିବା ୩ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଉତ୍କଳୀୟ କଳା, ସାହିତ୍ୟ, ସଂସ୍କୃତି, ଐତିହାସିକ ସ୍ଥିତି ଓ ପରମ୍ପରାର ସ୍ୱର୍ଣ୍ଣ ସ୍ୱାକ୍ଷର ବହନ କରିଥିବା ଭୁବନେଶ୍ୱର ରାଜ୍ୟ ସଂଗ୍ରହାଳୟ, ସାଇନ୍ସ ପାର୍କ ଓ ନନ୍ଦନକାନନ ଆଦି ସ୍ଥାନଗୁଡିକୁ ପରିଭ୍ରମଣ କରି ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନ କରିଥିଲେ । ଜନାର୍ଦ୍ଦନ ପରିଡା, ପ୍ରଜ୍ଞା ପାରମିତା ସାହୁ, ପ୍ରଶାନ୍ତ କୁମାର ଦାଶ, ସଚ୍ଚିଦାନନ୍ଦ ପାତ୍ର, ଦୀପକ କୁମାର ନାୟକ, ବିକାଶ କୁମାର ନାୟକ, ରଶ୍ମିତା ବେହେରା, ରୋଜାଲିନ ମିଶ୍ର, ଚିତ୍ତରଞ୍ଜନ ଦାଶ, ମମତା ମିଶ୍ର, ଶୁଭସ୍ମିତା ସାହୁ, ଦାମୋଦର ସାହୁ, ଜୟଦେବ ସାହୁ, ଚନ୍ଦନ ମଲ୍ଲିକ, ଗୌରାଙ୍ଗ ସାହୁ, ଆଲୋକ କୁମାର ମଲ୍ଲିକ, ସୃଷ୍ଟି ସୃଜନୀ ମହାପାତ୍ର, ପ୍ରତିଭା ମଞ୍ଜରୀ ସ୍ୱାଇଁ ଓ ରଞ୍ଜନ କୁମାର ପୃଷ୍ଟି ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଭ୍ରମଣ ସମୟରେ ଉପସ୍ଥିତ ରହି ପିଲାଙ୍କ ପ୍ରତ୍ୟକ୍ଷ ଜ୍ଞାନ ଆହରଣରେ ସହଯୋଗ କରିଥିଲେ। ଛାତ୍ରୀଛାତ୍ରମାନେ ଆନନ୍ଦର ସହିତ ଏସବୁ ସ୍ଥାନଗୁଡିକ ପରିଭ୍ରମଣ କରିଥିଲେ ।


ପରିଭ୍ରମଣରେ ଯାଇଥିବା ଛାତ୍ରୀଛାତ୍ର ।

# ଇଦ୍ ପର୍ବ ଅବସରରେ ସମୂହ ନମାଜ ପାଠ


ଇଦ୍‌ରେ ଥାନାଧିକାରୀ ଓ ଅନ୍ୟମାନେ ଶୁଭେଚ୍ଛା ଜଣାଉଛନ୍ତି।

ରଣପୁର,୨୧।୩(ସୁକାନ୍ତ କିଶୋର ଡାକୁଆ)

ଇଦ୍ ପର୍ବ ଅବସରରେ ଶନିବାର ମୁସ୍‌ଲିମ ସମ୍ପ୍ରଦାୟ ଭାଇମାନେ ସମୂହ ନମାଜ ପାଠ କରିଛନ୍ତି। ରଣପୁର ଏନ୍‌ଏସି ସମ୍ମୁଖ ଇଦ୍‌ଗା ପଡ଼ିଆଠାରେ ଇଦ୍ ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇ ପ୍ରାର୍ଥନା କରାଯାଇଥିଲା। ଏଥିରେ ରଣପୁର ମସ୍‌ଜିଦ ଧର୍ମଗୁରୁ ଜର୍ମି ଖାନ୍ ଓ ସମସ୍ତ ମୁସ୍‌ଲିମ ଭାଇମାନେ ପରସ୍ପରଙ୍କୁ ଇଦ୍ ମୁବାରକ ଜଣାଇଥିଲେ। ସେହିପରି ଏହି କାର୍ଯ୍ୟକ୍ରମରେ ରଣପୁର ଏନ୍‌ଏସି ଅଧକ୍ଷା ରଙ୍ଗିନ୍ ମହାନ୍ତି, ରଣପୁର ଥାନା ଆଇଆଇସି ଆଶିଷ କୁମାର ସାହୁ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ଭର ମହାପାତ୍ର ପ୍ରମୁଖ ଯୋଗଦେଇ ଇଦ୍ ପର୍ବର ଶୁଭେଚ୍ଛା ଜଣାଇବା ସହ ଭାଇଚାରା ଓ ସମାଜର ସମସ୍ତ ବର୍ଗକୁ କିପରି ସୁସ୍ଥ ଭାବେ ଗଢ଼ି ତୋଳିବା ସେ ବିଷୟରେ ଆଲୋକପାତ କରିଥିଲେ। ଏଥିରେ ତତାର ମୀରା, ଅସ୍‌ଲିମ ଖାଁ, ଅଜିତ ଖାଁ, ଫିରୋଜ ଖାଁ, ମୀର୍ ଅବୁକର୍ ସିଦ୍ଦିକ, ଲିୟାକତ୍ ଅଲ୍ଲୀ, ମୁନା ଖାଁ, ମୀର ସେରୁ ଖାଁ, ମିର ଲାଲ୍ ମହମ୍ମଦ, ସଲିମ ଖାଁ, ଶାହାଜାହାନ ଖାଁ, ମିର୍ ମୋମିନ, ଅମ୍‌ଜାଦ ଖାଁ, ରିୟାଜ୍ ଖାଁ ଓ ବାବୁ ଖାଁ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଚାନ୍ଦ ଦର୍ଶନ ପରେ ରମଜାନ ମାସ ଶେଷ



## ଇଦ୍ ଉଲ୍ ଫିତର୍ ପାଇଁ ଭୋଜିଭାତର ଆସର

ନୟାଗଡ଼, ୨୧।୩(ଲୋକନାଥ ମିଶ୍ର)

ଶୁକ୍ରବାର ସନ୍ଧ୍ୟାରେ ଚାନ୍ଦ ଦର୍ଶନ ପରେ ନୟାଗଡ଼ ସହର ଉପକଣ୍ଠ ସିନ୍ଦୁରିଆର ମୁସଲିମ ଭାଇ ଭଉଣୀ ଶନିବାର ଇଦ - ଉଲ - ଫିତର୍ ପର୍ବ ପାଳନ କରିଛନ୍ତି। ଏହି ଅବସରରେ ଘରେ ଘରେ ଲଚ୍ଛା, ସିମିଆ ପ୍ରସ୍ତୁତ କରାଯିବା ସହିତ ଭୋଜି ଭାତର ଆସର ଜମିଥିଲା। ପୁରୁଷମାନେ ସକାଳୁ ନିତ୍ୟକର୍ମ ସାରି ନୂତନ ପୋଷାକ ପରିଧାନ କରି ଇଦ୍ ନମାଜ ପାଇଁ ଇଦଗାହ ଅଭିମୁଖେ ବାହାରିଥିଲେ । ମଉଲାନା ତଥା ଧର୍ମଗୁରୁ ଜଲାଲୁଦ୍ଦିନ ମିଫତାହି ଇଦ ନମାଜ ପଢ଼ାଇ ଥିଲେ । ଇଦ୍ ପର୍ବରେ ନୟାଗଡ଼ ସହର, ସିନ୍ଦୁରିଆ ତଥା ଆଖପାଖ ଅଞ୍ଚଳର ସହସ୍ରାଧିକ ଶ୍ରଦ୍ଧାଳୁ ସାମୁହିକ ନମାଜ ପାଠ କରି ନିଜ ପାପର କ୍ଷମା ପ୍ରାର୍ଥନା ସହିତ ବିଶ୍ୱ କଲ୍ୟାଣ ଓ ଦେଶ ତଥା ସମାଜର ଭାଇଚାରା, ସମୃଦ୍ଧି ପାଇଁ ପ୍ରାର୍ଥନା କରିଥିଲେ । ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ତଥା ବିଧାୟକ ଅରୁଣ କୁମାର ସାହୁ, ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶ ପ୍ରମୁଖ ଓ ସିନ୍ଦୁରିଆ ଗ୍ରାମର ଅନ୍ୟଧର୍ମାବଲମ୍ବୀମାନେ ଯୋଗଦେଇ ମୁସଲିମ ଭାଇମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଇସ୍‌ଲାମିକ କ୍ୟାଲେଣ୍ଡର ବର୍ଷର ନବମ ମାସ ରମଜାନ ସନ୍ଧ୍ୟାରେ ଚନ୍ଦ୍ର ଦର୍ଶନ କଲାପରେ ଏକ ମାସବ୍ୟାପୀ ରମଜାନ ମାସ ପାଳନ କରାଯାଏ । ଏହି ମାସରେ ତିରିଶିଟି ନିର୍ଜଳ ଉପବାସ ରଖନ୍ତି ଇସଲାମ ଧର୍ମାବଲମ୍ବୀ । କେବଳ ଉପବାସ ବା ରୋଜା ରଖିବାରେ ମାସଟି କଟିନଥାଏ । ସମ୍ପୃକ୍ତ ମାସରେ ଅଧିକରୁ ଅଧିକ ଆଲ୍ଲାଙ୍କୁ ଆରାଧନା କରାଯିବା ସହିତ ଗରୀବ ଦୁଃଖୀ ଯେ କୌଣସି ଧର୍ମାବଲାମ୍ବୀ ହୋଇଥିଲେ ବି ସେମାନଙ୍କୁ ଜକା, ଫିତରା ଓ ସଦକାହ (ସ୍ୱତନ୍ତ୍ର ଅର୍ଥ) ଦାନକରି ସେମାନଙ୍କୁ ପର୍ବରେ ଅନ୍ୟମାନଙ୍କ ପରି ଖୁସି ପାଳନ କରିବା ପାଇଁ ସୁଯୋଗ ଦିଆଯାଇଥାଏ।

## ୨ ଦିନିଆ କୃଷକ ତାଲିମ ଶିବିର

ଜି.ଉଦୟଗିରି,୨୧।୩(ଶିଶିର ପଟ୍ଟନାୟକ)

ଜି. ଉଦୟଗିରି କୃଷି ବିଜ୍ଞାନ କେନ୍ଦ୍ର, କନ୍ଧମାଳ ସଭା ଗୃହ ଠାରେ ୨ ଦିନିଆ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ବରିଷ୍ଠ କ୍ଷେତ୍ର ବୈଜ୍ଞାନିକ ଡ.ସଂଯୁକ୍ତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତିବିଦ୍ୟା ସଂପ୍ରସାରଣ କେନ୍ଦ୍ର, ଓୟୁଏଟି, ଚିପିଲିମା, ସମ୍ବଲପୁର ଅଧୀନରେ ଥିବା ସର୍ବଭାରତୀୟ ସମନ୍ୱିତ ଅନୁସନ୍ଧାନ ପ୍ରକଳ୍ପ ଦ୍ୱାରା ପାଇଲଟ ପ୍ରକଳ୍ପର ଫସଲ ବିବିଧି କରଣ ଯୋଜନା ନିମନ୍ତେ ଏହା ଅନୁଷ୍ଠିତ ହୋଇଛି। ଏହି ତାଲିମ୍ ଅବସରରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ଼. ନାରାୟଣ ବାର ସ୍ୱାଗତ ସମ୍ବୋଧନ ଦେଇ ଆରମ୍ଭ କରିଥିଲେ। ଏହି ତାଲିମ୍ ଶିବିରରେ ସ୍ୱୟଂ ସହାୟକ ଗୋଷ୍ଠୀର ୩୦ ଜଣ ମହିଳା ଚାଷୀ ଯୋଗ ଦେଇ ତାଙ୍କର ବିଭିନ୍ନ ଚାଷ ଭିତ୍ତିକ ସମସ୍ୟା ଜଣାଇଥିଲେ। ଆଞ୍ଚଳିକ ଗବେଷଣା ଓ ପ୍ରଯକ୍ତିବିଦ୍ୟା ସଂପ୍ରସାରଣ କେନ୍ଦ୍ରର କୀଟ ବିଜ୍ଞାନୀ ଡ଼. ଅତନୁ ସେନୀ, ଜୁବୁଲି ସାହୁ, ପ୍ରଶାନ୍ତ ନନ୍ଦ, ଉଦ୍ଭିଦ ବିଜ୍ଞାନୀ ସନତ ମେହେର, ମୃତ୍ତିକା ବିଜ୍ଞାନୀ ଡ଼ . ସୁଜିତ୍ ମୁଖୀ ପ୍ରମୁଖ ଆଲୋଚନା କରିଥିଲେ।

# ବୈଠକର ଦିନକ ପୂର୍ବରୁ ନୋଟିସ୍‌କୁ ନେଇ ଅସନ୍ତୋଷ

ନୟାଗଡ଼,୨୧।୩(ଲୋକନାଥ ମିଶ୍ର)

**ଗୁଡୁପାଙ୍ଗି ବନାମ ୧୭ ଖଣ୍ଡ ବିବାଦ ପ୍ରସଙ୍ଗ**

- ତହସିଲଦାରଙ୍କ ତରବରିଆ ନୋଟିସ୍‌କୁ ଲୋକଙ୍କ ପ୍ରତିବାଦ
- ମାର୍ଚ୍ଚ ୨୪ରେ ୧୭ ଗାଁ ଲୋକ ଆନ୍ଦୋଳନ କରିବାକୁ ଦେଇଥିଲେ ଧମକ

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୟାଗଡ଼ ସଦର ଥାନାର ଗୁଡୁପାଙ୍ଗି ବନାମ ୧୭ ଖଣ୍ଡ ଗାଁ ମଧ୍ୟରେ ଲାଗି ରହିଥିବା ବିବାଦକୁ ସମାଧାନ କରିବା ପାଇଁ ନୂଆଗାଁ ତହସିଲଦାରଙ୍କ ତରବରିଆ ନୋଟିସକୁ ୧୭ ଖଣ୍ଡ ଗାଁ ଲୋକ ଅସନ୍ତୋଷ ବ୍ୟକ୍ତ କରି ପ୍ରତିବାଦ କରିଛନ୍ତି । ଆଗକୁ ବୈଠକ କରାଇଲେ ୭ଦିନ ପୂର୍ବରୁ ନୋଟିସ୍ କରିବାକୁ ଅନୁରୋଧ କରିଛନ୍ତି । ଏଭଳିସ୍ଥଳେ ରାସ୍ତା ବିବାଦର ସମାଧାନ ପାଇଁ ନୂଆଗାଁ ତହସିଲଦାର ଦେଇଥିବା ନୋଟିସ୍ ରାସ୍ତା ବିବାଦର ସମାଧାନ ହେବାର ଆଶା ପୁଣି ଶୀତଳଭଣ୍ଡାରକୁ ଚାଲି ଯାଇଛି । ଅପରପକ୍ଷେ ମାର୍ଚ୍ଚ ୨୪ରେ ୧୭ ଖଣ୍ଡ ଗାଁ ଲୋକ ଦେଉଳିସ୍ଥିତ ଗାଇଚରା ପଡିଆରେ ସମାବେଶ କରି ଗାଇଚରା ପଡିଆ ଠାରେ ଜନ ଆନ୍ଦୋଳନ କରିବାକୁ ମୁଖ୍ୟମନ୍ତ୍ରୀ, ନୟାଗଡ ଜିଲାପାଳ, ଏସପି, ବିଡିଓ, ତହସିଲଦାର, ଦଳିତ ଆଦିବାସୀ କଲ୍ୟାଣ ବିଭାଗ ଭୁବନେଶ୍ୱର, କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ, ଦଶପଲ୍ଲା ବିଧାୟକ, ବାଚସ୍ପତି, କନ୍ଧମାଳ ଏମ୍‌ପିଙ୍କୁ ଫେରାଦ୍ ହୋଇଥିଲେ। ୨୨ ତାରିଖର ବୈଠକ ବାତିଲ ହୋଇଗଲେ ୧୭ ଖଣ୍ଡ ଗାଁ ଲୋକଙ୍କର ଆନ୍ଦୋଳନ ବନ୍ଦ ହେବ ନାହିଁ ବୋଲି ଜଣାପଡୁଛି।

ଅନ୍ୟପକ୍ଷେ ୧୭ ଖଣ୍ଡ ଗାଁ ପକ୍ଷରୁ ମାଳିସାହି ସରପଞ୍ଚ ସସ୍ମିତା ପ୍ରଧାନ, ଢେଙ୍କେଣା ସରପଞ୍ଚ ଯୁଗଳ କିଶୋର ସାହୁ, ବଳଭଦ୍ରପୁର ଢ଼ିପମାଳ ରାସ୍ତା କ୍ରିୟାନୁଷ୍ଠାନ କମିଟି ସଭାପତି ଦେବରାଜ ବରାଳ ଓ ସମ୍ପାଦକ ଗଣେଶ୍ୱର ପରିଡା ପ୍ରମୁଖ କହିଛନ୍ତି । ରାସ୍ତା ବିବାଦ ନେଇ ଗୁଡୁପାଙ୍ଗି ଓ ଆମ୍ଭ ୧୭ ଖଣ୍ଡ ଗାଁ ଲୋକଙ୍କ ମଧ୍ୟରେ ଦେଖା ଦେଇଥିବା ବିବାଦର ସମାଧାନ ପାଇଁ ନୂଆଗାଁ ତହସିଲଦାର ମାର୍ଚ୍ଚ ୨୨ ପୂର୍ବାହ୍ନ ୧୦ଟାରେ ନୂଆଗାଁ ବ୍ଲକ କାର୍ଯ୍ୟାଳୟରେ ବୈଠକ କରିବା ପାଇଁ ୨୧ ତାରିଖରେ ନୋଟିସ୍ ଜାରି କରିଛନ୍ତି। ନୟାଗଡ଼ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ଏଥିରେ ଅଧ୍ୟକ୍ଷତା କରିଥାନ୍ତେ। ଏଥିରେ ଉପଜିଲାପାଳ କର୍ଣ୍ଣଦେବ ସମାଦ୍ଦାର, ଉପକଣ୍ଠ ଆରକ୍ଷୀ ଅଧିକ୍ଷକ, ନୂଆଗାଁ ବିଡିଓ ଓ ତହସିଲଦାର, ଥାନା ଅଧିକାରୀ ଯୋଗ ଦେବାର ଥିଲା । ତେବେ ୨୨ ରେ ବୈଠକ କରାଯିବାର ନୋଟିସ୍ ଆମକୁ ୨୧ ତାରିଖରେ ମିଳିଛି । ତବରବରିଆ ବୈଠକ କରାଗଲେ ସମସ୍ତେ ଉପସ୍ଥିତ ରହି ପାରିବେ ନାହିଁ । ବ୍ୟକ୍ତିଗତ କାରଣ ଯୋଗୁ ଆମ୍ଭ କମିଟି ସଦସ୍ୟମାନେ ବାହାରେ ଥିବାରୁ ଏଭଳି ଅସୁବିଧା ହେତୁ ବୈଠକରେ ଯୋଗ ଦେଇ ପାରିବୁ ନାହିଁ ବୋଲି ଚିଠି ମାଧ୍ୟମରେ ଜଣାଇଛୁ । ୨୪ ତାରିଖ ପରେ ଯେ କୌଣସି ତାରିଖରେ ହେବାକୁ ଥିବା ବୈଠକର ୭ଦିନ ପୂର୍ବରୁ ନୋଟିସ୍ କରିବାକୁ ଆମେ ଅନୁରୋଧ କରିଛୁ । ବୈଠକରେ ଯୋଗଦେଇ ନ ପାରିବା ଓ ଅନ୍ୟ ସମସ୍ୟା ଉପରେ ଆମେ ଜିଲାପାଳ, ତହସିଲଦାର, ମୁଖ୍ୟମନ୍ତ୍ରୀ, ନୟାଗଡ଼ ଏସପି, କନ୍ଧମାଳ ଏମ୍‌ପି, ଦଶପଲ୍ଲା ବିଧାୟକ ଓ ବାଚସ୍ପତିଙ୍କୁ ଅବଗତ କରାଇଛନ୍ତି ।

ପ୍ରକାଶଯେ, ବଳଭଦ୍ରପୁର ଭାୟା ସଦାବନ୍ଧଛକ ଢ଼ିପମାଳ ରାସ୍ତା, ବଳଭଦ୍ରପୁର ଭାୟା ଭାୟା ଗୁଡୁପାଙ୍ଗି ଢ଼ିପମାଳ ରାସ୍ତା ନିର୍ମାଣ ପାଇଁ ଗୁଡୁପାଙ୍ଗି ବନାମ ୧୭ ଖଣ୍ଡ ଗାଁର ଲୋକଙ୍କ ମଧ୍ୟରେ ୧୧ ବର୍ଷ ଧରି ବିବାଦ ଲାଗି ରହିଛି। ଦୁଇ ପକ୍ଷର ୧୮ ଟି ଗାଁ ମଧ୍ୟରେ ବିବାଦ,ମାରପିଟ୍, ଆନ୍ଦୋଳନ, ଧର୍ମଘଟ, ରାସ୍ତାରୋକୋ, ଘେରାଉ, କୋର୍ଟ କଚେରୀ ଓ ଗ୍ରୀନ୍ ଟ୍ରିବ୍ୟୁନାଲ କରାଯାଇଛି। ହେଲେ ସମାଧାନର ନିର୍ଯାସ ବାହାରିବା ବଦଳରେ ବିବାଦ ଉଗ୍ରରୂପ ନେଇଛି।

